ଆଜି - ଶନିବାର
ତାରିଖ - ୨୩ ମଇ ୨୦୨୬
ମାସ - ବୃଷ, ଦିନ - ୦୯
ତିଥି - ଅଷ୍ଟମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ମଘା, ସିଂହ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୭: ୦୦
ସୂର୍ଯ୍ୟାସ୍ତ - ୬ : ୧୪ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ତୁମକୁ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କୁ ଭୁଲନାହିଁ । ତୁମକୁ ଭଲ ପାଉଥିବା ବ୍ୟକ୍ତିଙ୍କୁ ଘୃଣା କରନାହିଁ । ତୁମକୁ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କୁ ଠକନାହିଁ । "

- ସ୍ୱାମୀ ବିବେକାନନ୍ଦ


E-News : www.Ajikali epaper.com

Vol.- 41 ISSUE- 39 R.N.I. REGD. No. 44026/86 ବାଲେଶ୍ୱର ୨୩ ମଇ ୨୦୨୬ ଶନିବାର BALASORE 23 MAY 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତାଲୋଚନା କଲେ ସାଇପ୍ରସ୍ ରାଷ୍ଟ୍ରପତି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର କହିଛନ୍ତି ଯେ, ଭାରତ ଏବଂ ସାଇପ୍ରସ୍ ମଧ୍ୟରେ ବୃଦ୍ଧି ପାଉଥିବା ବିଶ୍ୱାସ ଏବଂ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍. ଟି. ଏ.) ରୁ ନୂତନ ସମ୍ଭାବନା ସୃଷ୍ଟି ହୋଇଛି ଏବଂ ଉଭୟ ଦେଶ ଆଗାମୀ ପାଂଚ ବର୍ଷ ମଧ୍ୟରେ ସାଇପ୍ରସ୍ ଠାରୁ ଭାରତକୁ ପୁଞ୍ଜି ନିବେଶକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ନେଇ ଆଗକୁ ବଢ଼ିବେ । ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଉଲିଡ୍ସଙ୍କ ସହ ଆଲୋଚନା ପରେ ଏକ ମିଳିତ ପ୍ରେସ ବିବୃତିରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଆଜି ଭାରତ ଏବଂ ସାଇପ୍ରସ୍ ସେମାନଙ୍କର ବିଶ୍ୱସନୀୟ ସମ୍ପର୍କକୁ ଏକ ରଣନୈତିକ ଭାଗିଦାରୀ ସ୍ତରକୁ ଉନ୍ନୀତ କରିବାକୁ ନିଷ୍ପତି ନେଇଛନ୍ତି, ଯାହା ଦ୍ୱିପାକ୍ଷିକ ସମ୍ପର୍କକୁ ନୂତନ ଗତି ଏବଂ ଏକ ନୂତନ ଦିଗ ଦେବ । ଭାରତ ଏବଂ ସାଇପ୍ରସ୍ ମଧ୍ୟରେ ବନ୍ଧୁତ୍ୱ ସୁଦୃଢ଼ ଏବଂ ଭବିଷ୍ୟତ-ଭିତିକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଗଣତନ୍ତ୍ର, ଆଇନର ଶାସନ ଏବଂ ସମସ୍ତ ଦେଶର ସାର୍ବଭୌମତ୍ୱ ତଥା ଆଂଚଳିକ ଅଖଣ୍ଡତା ପ୍ରତି ସମ୍ମାନ ଭଳି ସହଭାଗୀ ମୂଲ୍ୟବୋଧ ହେଉଛି ଦୁଇ ଦେଶ ମଧ୍ୟରେ ଭାଗିଦାରୀର ମୂଳଦୁଆ । ସେ କହିଥିଲେ ଯେ ଭାରତ ଏହି ନୀତିଗୁଡ଼ିକ ପ୍ରତି ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧ ଏବଂ ଏହା ଜାରି ରହିବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତ ଦଶନ୍ଧି ମଧ୍ୟରେ ସାଇପ୍ରସରୁ ଭାରତକୁ ନିବେଶ ପ୍ରାୟ ଦ୍ୱିଗୁଣିତ ହୋଇଛି, ଯାହା ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଇଥିବା ବିଶ୍ୱାସର ପ୍ରତୀକ । ସେ କହିଥିଲେ ଯେ, ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ନୂଆ ଆର୍ଥିକ ସୁଯୋଗ ସୃଷ୍ଟି କରିଛି ଏବଂ ଏହି ସୁଯୋଗର ଲାଭ ଉଠାଇ ଉଭୟ ଦେଶ ଆଗାମୀ ପାଂଚ ବର୍ଷ ମଧ୍ୟରେ ନିବେଶକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ନେଇ ଆଗକୁ ବଢ଼ିବେ ।



## ନିଜ କାରକେଡ଼୍‌କୁ ୪ଟିରେ ସୀମିତ ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୁଣି ଏକ ବଡ଼ ଏବଂ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି । ନିଜ କାରକେଡ୍ (କାର ପଟୁଆର)ରେ ଥିବା ଗାଡ଼ି ସଂଖ୍ୟାକୁ ସେ ଆହୁରି କମାଇ ଦେଇଛନ୍ତି । ଏଣିକି ମୁଖ୍ୟମନ୍ତ୍ରୀଙ୍କ କାରକେଡ୍‌ରେ ୭ଟି ବଦଳରେ ମାତ୍ର ୪ଟି ଗାଡ଼ି ସୀମିତ ରହିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପିଲ୍ ପରେ ମୁଖ୍ୟମନ୍ତ୍ରୀ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି । ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଓ ଯାତାୟାତ ପାଇଁ ତାଙ୍କ କାରକେଡ୍‌ରେ ୭ଟି ଗାଡ଼ି ସାମିଲ ରହୁଥିଲା । କିନ୍ତୁ ଏବେ ଏହି ସଂଖ୍ୟାକୁ ପ୍ରାୟ ଅଧା କରି ଦିଆଯାଇଛି । ନୂତନ ନିଷ୍ପତି ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଏବେ କେବଳ ୪ଟି ଗାଡ଼ିକୁ ନେଇ ଚାଲିବ । ଏହାଦ୍ୱାରା ମୁଖ୍ୟମନ୍ତ୍ରୀ ଯାତାୟାତ କରିବା ସମୟରେ ରାସ୍ତାରେ ଟ୍ରାଫିକ ସମସ୍ୟା କମ୍ ହେବ ଏବଂ ସାଧାରଣ ଜନତାଙ୍କୁ ଅଯଥା ହଇରାଣ ହେବାକୁ ପଡ଼ିବ ନାହିଁ । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଆଇପି ସଂସ୍କୃତିକୁ କମ୍ କରିବା ଏବଂ ଜନସାଧାରଣଙ୍କ ସୁବିଧାକୁ ପ୍ରାଥମିକତା ଦେବା ପାଇଁ ସମସ୍ତଙ୍କୁ ଅପିଲ୍ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ରକ୍ଷା କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜ ଗାଡ଼ି ସଂଖ୍ୟା ହ୍ରାସ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତି ତାଙ୍କର ସରଳ ଜୀବନଶୈଳୀ ଓ 'ଲୋକଙ୍କ ସରକାର'ର ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।



## ବିଏସଏଫର ପ୍ରତିଷ୍ଠା ଉତ୍ସବରେ ଯୋଗଦେଲେ ଅମିତ ଶାହ



ନୂଆଦିଲ୍ଲୀ : କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର କହିଛନ୍ତି ଯେ ସରକାର ଭାରତ-ବାଂଲାଦେଶ ଏବଂ ଭାରତ-ପାକିସ୍ତାନ ସୀମାକୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ 'ସ୍ମାର୍ଟ ସୀମା'ରେ ପରିଣତ କରିବା ପାଇଁ ଦ୍ରୁତ ଗତିରେ କାମ କରୁଛନ୍ତି ଏବଂ ଆଗାମୀ ବର୍ଷ ମଧ୍ୟରେ ଏକ ଅଦ୍ଭୁତ ସୀମା ସୁରକ୍ଷା ଗ୍ରୀଡ୍ ପ୍ରସ୍ତୁତ ହେବ । ବିଜ୍ଞାନ ଭବନରେ ସୀମା ସୁରକ୍ଷା ବଳ (ବିଏସଏଫ) ର ପ୍ରତିଷ୍ଠା ଉତ୍ସବ ଏବଂ ରୁସ୍ତମଜୀ ସ୍ମାରକୀ ବକ୍ତୃତାରେ ଉଦବୋଧନ ଦେଇ ଶାହ କହିଛନ୍ତି ଯେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଖୁବ୍ ଶୀଘ୍ର ଦେଶକୁ ଡ୍ରୋନ୍, ରାଡାର, ଆଧୁନିକ କ୍ୟାମେରା ଏବଂ ଅନ୍ୟାନ୍ୟ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ସ୍ମାର୍ଟ ସୀମା ପ୍ରକଳ୍ପ ଉପସ୍ଥାପନ କରିବ । ଶାହ କହିଛନ୍ତି ଯେ ଦୁଇ ମାସ ମଧ୍ୟରେ ମୋଦି ସରକାର ବିଏସଏଫ ଏବଂ ସମସ୍ତ ସିଏପିଏଫ୍ କର୍ମଚାରୀଙ୍କ କଲ୍ୟାଣ ପାଇଁ ଏକ ପ୍ରମୁଖ କାର୍ଯ୍ୟକ୍ରମ ଆରମ୍ଭ କରିବେ । ଏହା ପରେ, ଆମର ସୈନିକମାନେ ଆତ୍ମବିଶ୍ୱାସର ସହିତ ସୀମାକୁ ସୁରକ୍ଷିତ କରିପାରିବେ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ସେମାନଙ୍କ ପରିବାରର ଯତ୍ନ ନେବ । ସେ କହିଛନ୍ତି ଯେ ସ୍ମାର୍ଟ ବର୍ଡର ଧାରଣା ଅନୁଯାୟୀ, ସୀମା ସୁରକ୍ଷା ବାହିନୀର ସୁରକ୍ଷା ବ୍ୟବସ୍ଥାରେ ସମସ୍ତ ପ୍ରକାରର ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ସାମିଲ କରାଯାଉଛି, ଯାହା କେବଳ ବିଏସଏଫର କାମକୁ ସହଜ କରିବ ନାହିଁ ବରଂ ଅଧିକ ମଜବୁତ କରିବ ।

## ଅଳ୍ପରେ ଖବର

- ଜୁନ-ଜୁଲାଇରେ ଖାଲି ପଡୁଥିବା ୨୪ଟି ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି । ଏହା ସହିତ ମହାରାଷ୍ଟ୍ର ଏବଂ ତାମିଲନାଡୁର ଦୁଇଟି ରାଜ୍ୟ ସଭା ଆସନ ପାଇଁ ଉପନିର୍ବାଚନ ତାରିଖ ଘୋଷଣା କରିଛନ୍ତି ।
- ବିଶ୍ୱରେ ଇବୋଲା ସଂକ୍ରମଣ ସ୍ଥିତିରେ ଭୁବନେଶ୍ୱର ବିମାନବନ୍ଦର ସତର୍କତା ଜାରି କରିଛି । ଭୁବନେଶ୍ୱର ବିମାନ ବନ୍ଦରରେ ଯାତ୍ରୀଙ୍କର ଥର୍ମାଲ ସ୍କ୍ରିନିଂ ହେବ । ଏହାସହ ସେମାନଙ୍କର ୨୧ ଦିନର ଟ୍ରାଭେଲ୍ ହିଷ୍ଟ୍ରି ଯାଂଚ କରାଯିବ ।
- ପାରାଦ୍ୱୀପଠାରେ ବିଜେପିର ଜଗତସିଂହପୁର ଜିଲ୍ଲା ପ୍ରଶିକ୍ଷଣ ବର୍ଗ ଅନ୍ତର୍ଗତ 'ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ - ୨୦୨୬' ଶୁକ୍ରବାର ଆୟୋଜିତ ହୋଇଯାଇଛି ।
- ଝାରସୁଗୁଡାରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଝାରସୁଗୁଡ଼ା ସ୍ଥିତ ସାର୍କିଟ ହାଉସ ଠାରେ ଜନ ଅଭିଯୋଗ ଶୁଣାଣୀରେ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି ମନ୍ତ୍ରୀ ।

## ନୂଆଦିଲ୍ଲୀରେ ଭାରତ ଶିକ୍ଷା ସମ୍ମିଳନୀକୁ ସମ୍ବୋଧିତ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ସରକାର ସ୍କୁଲ ଶିକ୍ଷାରେ ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ, ପୋଷଣ, ଦକ୍ଷତା ବିକାଶ ଏବଂ କ୍ରୀଡ଼ା ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି । ତେବେ ସାମ୍ପ୍ରତିକ ସମୟରେ ଷ୍ଟେମ(ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମାଥମେଟିକ୍ସ) ଶିକ୍ଷାରେ ଦେଶର ଝିଅମାନଙ୍କର ବଢୁଥିବା ସହଭାଗିତା ଆଜି ଭାରତୀୟ ଶିକ୍ଷା ବ୍ୟବସ୍ଥାର ଏକ ପ୍ରମୁଖ ଶକ୍ତି ପାଲଟିଛି ବୋଲି ଆଜି ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର ଦୈନିକ ଜାଗରଣ ଗ୍ରୁପ୍ ପକ୍ଷରୁ ଆୟୋଜିତ ଷଷ୍ଠ 'ଭାରତ ଶିକ୍ଷା ସମ୍ମିଳନୀ' କୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି, 'ଜାତୀୟ ଶିକ୍ଷା ନୀତି - ୨୦୨୦' ମାଧ୍ୟମରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦିଗ ପ୍ରଦାନ କରାଯାଉଛି । ଏହି ନୂତନ ନୀତିରେ ପ୍ରାରମ୍ଭିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯିବା ସହ ଶିଶୁମାନଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରା ଏବଂ ଇନୋଭେସନକୁ ପ୍ରୋତ୍ସାହିତ କରାଯାଉଛି । ମହର୍ଷି ବାଲ୍ମୀକିଙ୍କ ପରମ୍ପରାର ଉଦାହରଣ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମାତୃଭାଷାରେ ଜ୍ଞାନ ଆହରଣ ଅଧିକ ସରଳ, ପ୍ରଭାବଶାଳୀ ଏବଂ ବ୍ୟାପକ ଭାବେ ସମାଜ ପାଖରେ ପହଂଚିଥାଏ । ଏହି ଦୃଷ୍ଟିକୋଣ 'ମ୍ୟାକଲେ ମାନସିକତା'ରୁ ବାହାରି ଭାରତୀୟ ଜ୍ଞାନ ପରମ୍ପରାକୁ ପୁନଃ ପ୍ରତିଷ୍ଠିତ କରିବା ପାଇଁ ବାଟ ଫିଟାଇଛି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ଆଜିର ଏଆଇ ଯୁଗରେ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ମାଧ୍ୟମରେ ଦକ୍ଷତା-ଭିତିକ, ପ୍ରତିଯୋଗିତାମୂଳକ, ବହୁ-ବିଷୟକ ତଥା ସାମଗ୍ରିକ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ କରାଯାଉଛି । ଏହାଦ୍ୱାରା ଆମର ଯୁବପିଢ଼ି ବୈଶ୍ୱିକ ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରସ୍ତୁତ କରିପାରିବେ । ଆମେ ଶିକ୍ଷା ବ୍ୟବସ୍ଥାକୁ କେବଳ 'ଡିଗ୍ରୀ ଆଧାରିତ' ନକରି 'ଦକ୍ଷତା ଆଧାରିତ' କରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛୁ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଏହି ସାମଗ୍ରିକ ଦୃଷ୍ଟିକୋଣ ସହିତ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମେ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ଆଡକୁ ଦ୍ରୁତ ଗତିରେ ଅଗ୍ରସର ହେଉଛୁ । ଆଜି 'ବସୁଧୈବ କୁଟୁମ୍ବକମ୍' ଭାବନା ସହିତ ଭାରତ ବିଶ୍ୱ ଦରବାରରେ ନିଜର ଭୂମିକାକୁ ଅଧିକ ମଜବୁତ କରୁଛି ଏବଂ 'ଗ୍ଲୋବାଲ ସାଉଥ୍' ପ୍ରତି ନିଜର ଦାୟିତ୍ୱ ମଧ୍ୟ ସଫଳତାର ସହ ନିର୍ବାହ କରୁଛି ।





## ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାକୁ ପ୍ରାଥମିକତା ଦେଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଅସହ୍ୟ ଗୁଳୁଗୁଳି, ଗରମକୁ ଅଘୋଷିତ ବିଦ୍ୟୁତ କାଟ୍ । ବେଡି ଉପରେ ଯେମିତି ପଡିଛି କୋରଡା ମାଡ । ଗତ କିଛିଦିନ ଧରି ଲୋକଙ୍କୁ ଅତିଷ୍ଠ କଲାଣି ପ୍ରବଳ ଗରମ ସାଙ୍ଗକୁ ପାୱାର କଟ୍ । ବିନା କାରଣରେ ଘଂଟାଘଂଟା ଧରି ଲାଇନ ଯାଉଥିଲେ ମଧ୍ୟ ଆସୁନି । ବାରମ୍ବାର ଜଣାଇଲେ ମଧ୍ୟ ବିଭାଗୀୟ କର୍ତୃପକ୍ଷ ଶୁଣୁନଥିବା ଅଭିଯୋଗ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଚେତାବନୀକୁ ଶୁଣୁନାହାନ୍ତି ବିଦ୍ୟୁତ ବିତରଣ କଂପାନୀ । ଅଘୋଷିତ ବିଦ୍ୟୁତ କାଟ୍‌କୁ ନେଇ ପ୍ରତିବାଦର ସ୍ୱର ତୀବ୍ର ହେଉଛି । ଲୋକଙ୍କ ଅସନ୍ତୋଷ ବଢୁଥିବାବେଳେ ପ୍ରତିକ୍ରିୟା ରଖିଛନ୍ତି ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ । ଓଭରଲୋଡ୍ ଯୋଗୁଁ ପାୱାର କଟ୍ ହେଉଥିବା କହିଛନ୍ତି ଶକ୍ତି ମନ୍ତ୍ରୀ । ଏବେ ଯେଉଁ ପରି ଭାବେ ହିଟ୍‌ୱେଭ ଚାଲିଛି, ତାହା କାହାରି ହାତରେ ନାହିଁ । ପିକ୍ ହିଟ୍ ସମୟରେ ଅଧିକ ଡିମାଣ୍ଡ ରହୁଛି, ଅଧିକ ଏସି ବ୍ୟବହାର ହେଉଛି । ଫଳରେ ଓଭରଲୋଡ୍ ହେଉଛି ଏବଂ ଟ୍ରାନ୍ସଫର୍ମର ବର୍ଣ୍ଣ ଆଉଟ୍ ହେଉଛି । ତଥାପି ଶୀଘ୍ର ରିଷ୍ଟୋର୍ କରିବା ପାଇଁ ଆମେ ବ୍ୟବସ୍ଥା କରୁଛୁ । ଲୋକେ ଯେପରି ନିରନ୍ତର ବିଦ୍ୟୁତ ସେବା ପାଇବେ ଆମେ ଚେଷ୍ଟା କରୁଛୁ ବୋଲି କହିଛନ୍ତି ଶକ୍ତି ମନ୍ତ୍ରୀ କେ.ଭି.ସିଂହଦେଓ । ସୂଚନା ଅନୁସାରେ ପ୍ରତି ବର୍ଷ ଖରାଦିନ ଦିନ ଆସିଲେ ରାଜ୍ୟରେ ଅଘୋଷିତ ବିଦ୍ୟୁତ କାଟ୍ ହେବା କିଛି ନୂଆ କଥା ନୁହେଁ । ତେବେ କିଛିଦିନ ପୂର୍ବରୁ ଅଘୋଷିତ ବିଦ୍ୟୁତ କାଟ୍ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚେତାବନୀ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



## ମେ' ୩୦ରୁ ଓଡ଼ିଶାରେ ଏସଆଇଆର ଅଭିଯାନ ସବୁ ଜିଲ୍ଲାରେ ଖୋଲିବ ହେଲ୍ପଡେସ୍କ

ଭୁବନେଶ୍ୱର: ଓଡିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଅଭିଯାନ ମେ' ୩୦ ତାରିଖରୁ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସମସ୍ତ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରେ ହେଲ୍ପଡେସ୍କ ଖୋଲିବାକୁ ନିର୍ବାଚନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ସମସ୍ତ ଜିଲ୍ଲାପାଳ ଓ ଡିଇଓଙ୍କୁ ଏନେଇ ଚିଠି ଲେଖିଛନ୍ତି । ପ୍ରବାସୀ, ବୃଦ୍ଧ ଓ ଦିବ୍ୟାଙ୍ଗ ଭୋଟରଙ୍କୁ ସହଜ ସେବା ଯୋଗାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଛି । ଏହି ହେଲ୍ପଡେସ୍କ ମାଧ୍ୟମରେ ଭୋଟରମାନେ ଏସଆଇଆର ସମୟସୀମା, ଯୋଗ୍ୟତା, ନାମ ଯୋଡ଼ା, ସଂଶୋଧନ କିମ୍ବା ବିଲୋପ ସମ୍ବନ୍ଧୀୟ ସୂଚନା ପାଇପାରିବେ । ଏଥିସହ ପୁରୁଣା ଭୋଟର ତଥ୍ୟ ସହ ଲିଙ୍କ କରିବା, ଅନଲାଇନ୍ ଓ ଅଫଲାଇନ୍ ଫର୍ମ ପୂରଣରେ ସହଯୋଗ ମଧ୍ୟ ମିଳିବ । ମେ' ୨୫ ତାରିଖ ଭିତରେ ହେଲ୍ପଡେସ୍କ ସ୍ଥାପନ ଓ କାର୍ଯ୍ୟକ୍ଷମତା ସମ୍ପର୍କିତ ରିପୋର୍ଟ ପଠାଇବାକୁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ହେଲ୍ପଡେସ୍କରେ ଶିକ୍ଷିତ କର୍ମଚାରୀ ନିଯୁକ୍ତ ହେବେ ଏବଂ ସ୍ଥାନୀୟ ଭାଷାରେ ସଚେତନତା ସାମଗ୍ରୀ ମଧ୍ୟ ରଖାଯିବ । ନିର୍ବାଚନ ଆୟୋଗର ୧୯୫୦ ହେଲ୍ପଲାଇନ୍ ଓ ECINet ଆପ୍ ସମ୍ପର୍କରେ ମଧ୍ୟ ଲୋକଙ୍କୁ ଜଣାଇବାକୁ କୁହାଯାଇଛି ।




## ୨୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଏବଂ ଦୁଇଟିରେ ଉପନିର୍ବାଚନ ଘୋଷଣା : ଜୁନ୍ ୧୮ରେ ମତଦାନ

ନୂଆଦିଲ୍ଲୀ : ନିର୍ବାଚନ ଆୟୋଗ ଜୁନ୍-ଜୁଲାଇରେ ଅବସର ନେଉଥିବା ରାଜ୍ୟସଭା ସଦସ୍ୟଙ୍କ ୨୪ଟି ଆସନ ପାଇଁ ଦ୍ୱିବାର୍ଷିକ ନିର୍ବାଚନ ଏବଂ ମହାରାଷ୍ଟ୍ର ଓ ତାମିଲନାଡୁର ଦୁଇଟି ଖାଲି ଥିବା ଆସନରେ ଉପ-ନିର୍ବାଚନ ଘୋଷଣା କରିଛନ୍ତି । ସମସ୍ତ ଆସନ ପାଇଁ ମତଦାନ ଜୁନ୍ ୧୮ ରେ ଅନୁଷ୍ଠିତ ହେବ ଏବଂ ସେହି ଦିନ ଫଳାଫଳ ପ୍ରକାଶ ପାଇବ । ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ, ୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ପାଇଁ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ । ଏହି ଆସନଗୁଡ଼ିକରେ ବର୍ତ୍ତମାନର ସଦସ୍ୟମାନଙ୍କ କାର୍ଯ୍ୟକାଳ ଜୁନ୍ ଏବଂ ଜୁଲାଇରେ ସମାପ୍ତ ହେବାକୁ ଯାଉଛି । ଏହା ବ୍ୟତୀତ ମହାରାଷ୍ଟ୍ର ଏବଂ ତାମିଲନାଡୁରୁ ଗୋଟିଏ ଲେଖାଏଁ ରାଜ୍ୟସଭା ଆସନ ଖାଲି ଥିବାରୁ ଉପ-ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ । ମଇ ୬ ତାରିଖରେ ସୁନେତ୍ରା ଅଜିତ ପାୱାରଙ୍କ ଇସ୍ତଫା ପରେ ମହାରାଷ୍ଟ୍ର ଆସନ ଏବଂ ମଇ ୭ ରେ ସି. ବି. ଶାନମୁଗମଙ୍କ ଇସ୍ତଫା ପରେ ତାମିଲନାଡୁ ଆସନ ଖାଲି ପଡ଼ିଥିଲା । ଦୁଇଟି ଆସନର ଅବଧି ଯଥାକ୍ରମେ ଜୁଲାଇ ୪ ୨୦୨୮ ଏବଂ ୨୯ ଜୁନ୍ ୨୦୨୮ ଥିଲା । ଆୟୋଗଙ୍କ କାର୍ଯ୍ୟସୂଚୀ ଅନୁଯାୟୀ, ନିର୍ବାଚନ ପାଇଁ ବିଜ୍ଞପ୍ତି ଜୁନ୍ ୧ ରେ ଜାରି କରାଯିବ । ଜୁନ୍ ୮ ତାରିଖ ନାମାଙ୍କନ ଦାଖଲ କରିବାର ଶେଷ ତାରିଖ ସ୍ଥିର କରାଯାଇଥିବା ବେଳେ ଜୁନ୍ ୯ ରେ କାଗଜପତ୍ର ଯାଂଚ୍ କରାଯିବ । ପ୍ରାର୍ଥୀମାନେ ଜୁନ୍ ୧୧ ପର୍ଯ୍ୟନ୍ତ ସେମାନଙ୍କ ନାମ ପ୍ରତ୍ୟାହାର କରିପାରିବେ । ମତଦାନ ଜୁନ୍ ୧୮ ତାରିଖ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେବ ଏବଂ ସେହିଦିନ ଅପରାହ୍ନ ୫ଟାରୁ ଭୋଟ ଗଣତି ହେବ । ନିର୍ବାଚନ ପ୍ରକ୍ରିୟା ଜୁନ୍ ୨୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ, ଆନ୍ଧ୍ର ପ୍ରଦେଶ, ଗୁଜରାଟ ଏବଂ କର୍ଣ୍ଣାଟକର ଚାରୋଟି ଆସନ ପାଇଁ ମତଦାନ ହେବ; ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ତିନୋଟି ଆସନ; ଝାଡ଼ଖଣ୍ଡର ଦୁଇଟି ଆସନ; ଏବଂ ମଣିପୁର, ଅରୁଣାଚଳ ପ୍ରଦେଶ, ମିଜୋରାମ ଏବଂ ମେଘାଳୟର ଗୋଟିଏ ଲେଖାଏଁ ଆସନ ପାଇଁ ମତଦାନ ହେବ ।



# ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟୀଙ୍କ ତାଲିମ୍ ଓ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,(ନି.ପ୍ର.) : ବାଲେଶ୍ୱର ପୌରପାଳିକା ଏବଂ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ, ପୂର୍ବ ଆଂଚଳିକ କାର୍ଯ୍ୟାଳୟ ମିଳିତ ସହଯୋଗରେ ଗୁରୁବାର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଏକ ପ୍ରଶିକ୍ଷଣ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ରାସ୍ତା ପାର୍ଶ୍ୱରେ ବସି ବିକ୍ରି କରୁଥିବା ଖାଦ୍ୟ ବ୍ୟବସାୟୀମାନେ କେଉଁଭଳି ଭାବେ ଖାଦ୍ୟ ସୁରକ୍ଷା, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ଖାଦ୍ୟ ପ୍ରସ୍ତୁତି, ବିକ୍ରି କରିବେ ସେ ବିଷୟରେ ବ୍ୟବସାୟୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ସୁରକ୍ଷିତ ଓ ସ୍ୱଚ୍ଛ ଖାଦ୍ୟ ସୁସ୍ଥ ସମାଜ ପାଇଁ ଅତ୍ୟାବଶ୍ୟକ । ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟୀମାନେ ଆମ ଖାଦ୍ୟ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶ




ବୋଲି ମତ ବ୍ୟକ୍ତ କରିଥିଲେ । ବିଶିଷ୍ଟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ ଉପସ୍ଥିତ ଥିବାବେଳେ ଅନ୍ୟତମ ଅତିଥି ଭାବେ ପୌର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ନିର୍ବାହୀ ଅଧିକାରୀ ସିରିଏଲ୍ ଶୁଭ୍ର ପଟେଲ୍? ମଂଚରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସହରର ୫ଶହରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟୀ କାର୍ଯ୍ୟକ୍ରମରେ ପଞ୍ଜୀକରଣ କରିଥିଲେ । ସମସ୍ତ ବ୍ୟବସାୟୀମାନଙ୍କୁ ଆପ୍ରୋନ, ହାତ ମୌଜା ଓ ହେଡ୍?ଗିୟର ସମ୍ମିଳିତ ଫୁଡ୍ ସେଫ୍?ଟି ହାଇଜିନ କିଟ୍ ବଂଟନ କରାଯାଇଥିଲା । ପ୍ରଶିକ୍ଷଣ ପରେ ଅଂଶ ଗ୍ରାହୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ନିର୍ବାହୀ ଅଧିକାରୀ ଶ୍ରୀ ପଟେଲ୍? ଧନ୍ୟବାଦ୍ ଅର୍ପଣ କରିଥିଲେ । ମ୍ୟୁନିସିପାଲିଟି ପିଏମ୍ ସ୍ୱନିଧି ନୋଡାଲ୍ ଅଫିସର ସାବିତ୍ରୀ ମିଶ୍ର, ଶଶିକାନ୍ତ ଘଡ଼େଇ, ଚନ୍ଦ୍ରକାନ୍ତି ରାଉତ, ନିବେଦିତା ପାତ୍ର, ବସନ୍ତ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶୁଭଙ୍କର ପିରିଙ୍କ ଜନ୍ମସ୍ମୃତି ସଭା

ବାଲେଶ୍ୱର(ନି.ପ୍ର.)ଯୁବ ସାମ୍ବାଦିକ ସ୍ୱର୍ଗତ ଶୁଭଙ୍କର ପିରି(ଗୁଡୁ) ୨୦ତମ ଜନ୍ମଦିନ ସ୍ମୃତି ଅବସରରେ ଈଶ୍ୱର କୃପା ଓ୍ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ହଇଯାଇଛି ।

ଏହି ଶିବିରକୁ ଅତିଥି ଭାବେ ଓଡିଶା ସାମ୍ବାଦିକ ୟୁନିଅନ ର ସଭାପତି ଗଙ୍ଗାଧର ରାଉତ ଅନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ଅତିଥି ଭାବେ ସମାଜସେବୀ ସଲିମ ରାଜା, ସାମ୍ବାଦିକ ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା,ଯୁବ ସଂଗଠକ ବିକାଶ ପାଢୀ ପ୍ରମୁଖ ଯୋଗଦେଇ ସମସ୍ତ ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ଟ୍ରଷ୍ଟି ସାମ୍ବାଦିକ ଲୋକନାଥ ପିରି,ସଭାପତି ସରୋଜ କୁମାର ସାହୁ,ସଂପାଦିକା ଅମିତା ପିରି,ସଦସ୍ୟ ଶକ୍ତି କୁମାର ଦାସ, ହରିଶ ମହାନ୍ତି, ମମତା ପାଲ,ସାମ୍ବାଦିକ ସୋମନାଥ ସାହୁ,ପ୍ରିତିଲତା ପିରି ପ୍ରମୁଖ ଏହି ମହତ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଜଲ୍ଲା ରକ୍ତଭଣ୍ଡାରର ଡ଼ାକ୍ତର ବସନ୍ତ କୁମାର ଉପାଧ୍ୟାୟ ଓ ସମସ୍ତ କର୍ମଚାରୀ ମାନେ ଶିବିରରୁ ମୋଟ ୫୬ ୟୁନିଟ ରକ୍ତ ସଂଗହ କରିଥିଲେ ।



# ମୁନ୍ କମ୍ୟୁନିକେସନ ପକ୍ଷରୁ ପାଳିତ ହେଲା ଆନ୍ତର୍ଜାତିକ ଜୈବ ବିବିଧତା ଦିବସ

ବାଲେଶ୍ୱର, (ନି.ପ୍ର.): ସାମାଜିକ ସଂଗଠନ 'ମୁନ କମ୍ୟୁନିକେସନ' ତରଫରୁ ଆନ୍ତର୍ଜାତିକ ଜୈବ ବିବିଧତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ସଂଗଠନର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଏକ ମହିଳା ସାଇକେଲ ରାଲି ରଣସାହି, ଗୁଡୁ ଓ ହିଡିଗାଁ ଗ୍ରାମ ପଂଚାୟତ ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସୁଶ୍ରୀ ପଙ୍କଜିନୀ ଦାସ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ସହ ଛୋଟ ଛୋଟ ବନ୍ୟଜନ୍ତୁଙ୍କ ପାଇଁ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ମମତା ବେହେରା ବିଶ୍ୱ ଖାଦ୍ୟ ଶୃଙ୍ଖଳ ଉପରେ ଆଲୋଚନା କରି କହିଥିଲେ ଯେ ଗୋଟିଏ ଜାତି ନଷ୍ଟ ହେଲେ ଏହାର ନକାରାତ୍ମକ ପ୍ରଭାବ ସମଗ୍ର ମାନବ ଜାତି ଉପରେ ପଡ଼ିଥାଏ । ସେ ପ୍ରଦୂଷଣ ହ୍ରାସ ଓ ଜୈବ ବିବିଧତା ସଂରକ୍ଷଣ ପ୍ରତି ସମସ୍ତେ ଦୃଷ୍ଟି ଦେବାକୁ ନିବେଦନ କରିଥିଲେ ।ଅନ୍ୟତମ ଅତିଥି ଶିକ୍ଷୟିତ୍ରୀ ସବିତା ନାୟକ ମହିଁଷାଳୀ ମୁହାଁଣରେ ମତ୍ସ୍ୟଜୀବୀମାନଙ୍କୁ ନୀଳରକ୍ତ କଙ୍କଡା ସୁରକ୍ଷା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସଚେତନ କରାଇଥିଲେ ।କାର୍ଯ୍ୟକ୍ରମ ଶେଷରେ ୨୦୨୬ ମସିହାର ବାର୍ତା 'ବିଶ୍ୱବ୍ୟାପୀ ପ୍ରଭାବ ପାଇଁ ସ୍ଥାନୀୟ ସ୍ତରରେ କାର୍ଯ୍ୟ'କୁ ଜାରି ରଖିବା ସହ କେବଳ ମନୁଷ୍ୟ ପାଇଁ ଜୈବ ବିବିଧତା ନଷ୍ଟ ହେଉଥିବାରୁ ଉପସ୍ଥିତ ସମସ୍ତେ ଜୈବ ବିବିଧତା ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ ।ଏହି ଅବସରରେ ବିଭିନ୍ନ ପଂଚାୟତରୁ ପୁଷ୍ପିତା ମଲ୍ଲିକ, ସୌମ୍ୟ ଶଭନା ନାୟକ, ନନ୍ଦିନୀ ମଲ୍ଲିକ, ଶ୍ରଦ୍ଧା ଦାସ, ସୁଲୋଚନା ଦାସ, ସୁସ୍ମିତା ସିଂହ, ନିରୁପମା ବେହେରା, ସ୍ମୃତିରେଖା ମଲ୍ଲିକ, ସସ୍ମିତା ମଲ୍ଲିକ, ରେଖା ମଲ୍ଲିକ, ମମତା ବେହେରା, ପ୍ରମିଳା ପାତ୍ର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




# ବଜ୍ରପାତ ନିରାପତା କ୍ଷେତ୍ରରେ ଦକ୍ଷ ପ୍ରଶିକ୍ଷକ ସୃଷ୍ଟି ଲକ୍ଷ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ କର୍ମଶାଳା

ବାଲେଶ୍ୱର(ନି.ପ୍ର.) ଉତର ଓଡ଼ିଶାରେ ବଜ୍ରପାତ ଜନିତ ବିପଦ ସମ୍ପର୍କରେ ସଚେତନତା, ପ୍ରସ୍ତୁତି ଓ ବିପଦ ହ୍ରାସ କରିବାର ପ୍ରୟାସକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ ପ୍ରାଧିକରଣ (ଓଏସ୍?ଡିଏମ୍?ଏ)ର ମିଳିତ ଉଦ୍ୟମରେ "ଲାଇଟନିଂ ସେଫ୍ ନର୍ଥ ଓଡ଼ିଶା : ମାଷ୍ଟର ଟ୍ରେନର କର୍ମଶାଳା" ଶୀର୍ଷକ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍?ଘାଟନ କରିଥିଲେ । ନିଜ ଅଭିଭାଷଣରେ ସେ ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତାକୁ ତୃଣମୂଳ ସ୍ତରରେ ପହଂଚାଇବା ପାଇଁ ସମାଜରେ ସଚେତନତା ଦୂତ ସୃଷ୍ଟି କରିବା ସହ ମୁଖ୍ୟତଃ ଉତର ଓଡ଼ିଶାରେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟରେ ପହଂଚାଇବା ଲକ୍ଷ୍ୟରେ ସମସ୍ତଙ୍କୁ ସମନ୍ୱିତ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ ।

ଭୂଗୋଳ ବିଭାଗର ପ୍ରଫେସର ନିହାର ରଞ୍ଜନ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ମନୋରଞ୍ଜନ ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏଥିସହିତ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମଧ୍ୟ ନିଜ ବକ୍ତବ୍ୟରେ ବିଷୟଭିତିକ ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ । ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ କର୍ମଶାଳାରେ ଯୋଗଦେଇ- ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରୁ ଯୋଗଦେଇଥିବା ଅଧିକାରୀମାନଙ୍କୁ କର୍ମଶାଳାରେ ଆଲୋଚିତ ବିଷୟଗୁଡ଼ିକୁ କ୍ଷେତ୍ରସ୍ତରରେ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ । ଓଏସ୍‌ଡିଏମ୍‌ଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼କ୍ଟର କମଳ ଲୋଚନ ମିଶ୍ର (ଆଇଏଏସ୍?) ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ବଜ୍ରପାତ ସଂପର୍କରେ ସଚେତନତାର ଅଭିଯାନ, ଉଦ୍ୟମ ଓ ଗବେଷଣାମୂଳକ ଅବଦାନକୁ ପ୍ରଶଂସା କରିଥିଲେ ତଥା ଏହି ସଚେତନତା ଅଭିଯାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସରକାରୀ ସଂସ୍ଥା, ବିଶ୍ୱବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନ ଓ ସମୁଦାୟ ମଧ୍ୟରେ ସମନ୍ୱିତ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ କ୍ଷେତ୍ରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ଏକ ଉଦୀୟମାନ ଜ୍ଞାନ-ସହଭାଗୀ ଭାବେ ସେ ବର୍ଣ୍ଣନା କରିଥିଲେ ।




ଏହି କର୍ମଶାଳାରେ ଓଏସ୍‌ଡିଏମ୍‌ଏ, ଏନ୍?ଡିଆରଏଫ୍, ବିଭିନ୍ନ ଜିଲ୍ଲା ଓ ବ୍ଲକ ପ୍ରଶାସନର ଅଧିକାରୀ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍?ଡି) ଓ ଜାତୀୟ ଦୂର-ସଂବେଦନ କେନ୍ଦ୍ର (ଏନ୍।ରଏସ୍‌ସି)ର ବିଶେଷଜ୍ଞମାନଙ୍କ ସମେତ ମୋଟ ୧୯୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ବୈଷୟିକ ଅଧିବେଶନରେ "ଉତର ଓଡ଼ିଶାରେ ବଜ୍ରପାତଜନିତ ମୃତ୍ୟୁ ହ୍ରାସ : ପ୍ରମାଣଭିତିକ କୌଶଳ ଓ ସମାଧାନ" ବିଷୟରେ ପ୍ରଫେସର ମନୋରଞ୍ଜନ ମିଶ୍ର ଆଲୋଚନା କରିଥିଲେ । ଡ଼କ୍ଟର ଆଲୋକ ତାଓରୀ ଓ ଏନ୍?ଆର୍?ଏସ୍?ସି ଦଳ ପକ୍ଷରୁ ବଜ୍ରପାତ ନିରୀକ୍ଷଣ ଓ ପୂର୍ବାନୁମାନ ପରୀକ୍ଷାର ପ୍ରଦର୍ଶନ କରାଯାଇଥିଲା ।

ଆଇଏମ୍?ଡି ପକ୍ଷରୁ ପୂର୍ବାନୁମାନ ଉପକରଣ ସମ୍ପର୍କରେ ଅଧିବେଶନ ଏବଂ ଆନ୍ତର୍ଜାତିକ ବିଦ୍ୟୁତ୍? ପ୍ରାଯୁକ୍ତିକ ଆୟୋଗ (ଓରଉ ଝଉ-୮୧)ର ସଦସ୍ୟ ଡ଼କ୍ଟର ଗୋପ କୁମାରଙ୍କ ଦ୍ୱାରା ଯାନ୍ତ୍ରିକ ଭିତିକ ବଜ୍ରପାତ ସୁରକ୍ଷା ବ୍ୟବସ୍ଥା ଉପରେ ବ୍ୟାଖ୍ୟାନ ପ୍ରଦାନ କରାଯାଇଥିଲା । କର୍ମଶାଳାର ଏକ ପ୍ରମୁଖ ଆକର୍ଷଣ ଥିଲା ଜିଲ୍ଲା ଜରୁରୀକାଳୀନ ଅଧିକାରୀ (ଡିଇଓ), ଜିଲ୍ଲା ପ୍ରକଳ୍ପ ଅଧିକାରୀ (ଡିପିଓ) ଓ ବ୍ଲକସ୍ତରୀୟ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହ ଆୟୋଜିତ ଏକ ସାମୂହିକ ଆଲୋଚନାଚକ୍ର । ଏଥିରେ ବଜ୍ରପାତ ଜନିତ ଦୁର୍ଘଟଣାର ପ୍ରବୃତି, ପୂର୍ବ ସତର୍କ ସୂଚନାର ବ୍ୟବହାର, ସଂବେଦନଶୀଳ ଅଂଚଳ ଚିହ୍ନଟ ଏବଂ ଶେଷ ପର୍ଯ୍ୟାୟର ସୂଚନା ପ୍ରସାରଣ ଆଦି ବିଷୟକୁ ଗୁରୁତ୍ୱ ଦେଇ ଜିଲ୍ଲାଭିତିକ ମାନକ କାର୍ଯ୍ୟ ପ୍ରଣାଳୀ (ଏସ.ଓ.ପି) ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା । ଡ଼କ୍ଟର ସସ୍ମିତା ରାଉତ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଭୂଗୋଳ ବିଭାଗର ସହକାରୀ ଅଧାପିକା ଡ଼. ସବିତା ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳାଟି ଉତର ଓଡ଼ିଶାରେ ବଜ୍ରପାତ ଜନିତ କ୍ଷୟକ୍ଷତି ହ୍ରାସ ଦିଗରେ ଏକ ଫଳପ୍ରଦ ଓ ସମୟୋପଯୋଗୀ ପଦକ୍ଷେପ ଭାବେ ପରିଗଣିତ ହେବାନେଇ ଆଶାବ୍ୟକ୍ତ କରାଯାଇଛି । ବୈଜ୍ଞାନିକ, ପ୍ରଶାସନ ଓ ସ୍ଥାନୀୟ ଅଂଚଳର ସଚେତନ ଜନସାଧାରଣଙ୍କ ମିଳିତ ସହଯୋଗରେ ବଜ୍ରପାତ ଜନିତ ମୃତ୍ୟୁହାରକୁ ନିଶ୍ଚିତ ଭାବେ କମ୍ କରାଯାଇପାରିବ ବୋଲି କର୍ମଶାଳାରେ ମତପ୍ରକାଶ କରାଯାଇଛି ।

# ଆକାଶରୁ ଖସିଲା ନୀଳ ପଥର

## ପରୀକ୍ଷା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ନେଲେ ଗବେଷକ

ବାଲେଶ୍ୱର(ନି.ପ୍ର.): ଆକାଶରୁ ଖସିଲା ନୀଳ ରଙ୍ଗର ପଥର । ଅଂଚଳବାସୀ ଏହା ଦେଖି ଆଶ୍ଚର୍ଯ୍ୟ ହେବା ସହ ଆତଙ୍କିତ ହୋଇପଡିଛନ୍ତି । ଏଭଳି ଘଟଣା ନୀଳଗିରି ବ୍ଲକ ଛତ୍ରପୁର ଗ୍ରାମରେ ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ, ଛତ୍ରପୁର ଗ୍ରାମର ଜୟନ୍ତ ଦାସ ନାମକ ବ୍ୟକ୍ତି ଗତ ୧୮ ତାରିଖରେ ଘର ବାହାରେ ବସି ପରିବାର ସହ କଥା ହେଉଥିଲେ । ହଠାତ ଏକ ପଥର ଆଜବେଷ୍ଟରେ ପଡ଼ି ସେଠାରୁ ଗଡ଼ି ତଳେ ପଡ଼ିଥିଲା । ଗାଢ଼ ନୀଳ ରଙ୍ଗର ପଥର ପଡ଼ିଥ?ିବାର ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଖବର ପାଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହାକୁ ପରୀକ୍ଷା ପାଇଁ ନେଇଥିବା ଜଣାପଡିଛି ।




# ଆଞ୍ଚେଲ ଟ୍ୟୁଟୋରିଆଲର ସଫଳତା

ବାହାନଗା (ନି.ପ୍ର.) ଏହି ବ୍ଲକରେ ଗୋପାଳପୁରସ୍ଥିତ ଆଞ୍ଚେଲ ଟ୍ୟୁଟୋରିଆଲ ଚଳିତ +୨ ବିଜ୍ଞାନ ପରୀକ୍ଷା ଫଳାଫଳରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଆଞ୍ଚେଲ ର ୨ ଜଣ ଛାତ୍ର ଛାତ୍ରୀ ଯୁଗ୍ମ ଭାବେ ବ୍ଲକ ଟପ୍ପର ହୋଇଥିବା ସତ୍ୟପ୍ରକାଶ ବେହେରା ଓ ରଶ୍ମିତା ମାଝୀ ସହ ଅନ୍ୟ କୃତି ଛାତ୍ର ଛାତ୍ରୀ ଙ୍କୁ ଆଞ୍ଚେଲ ଟ୍ୟୁଟୋରିଅଲ ମୁଖ୍ୟ ଶ୍ୟାମବନ୍ଧୁ ପଣ୍ଡା ଓ ଅନ୍ୟ ଅତିଥିମାନେ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧନା କରିଥିଲେ. ଅନୁଷ୍ଠାନ ର ମୁଖ୍ୟ ଶ୍ୟାମବନ୍ଧୁ ପଣ୍ଡା ନିଜ ବକ୍ତବ୍ୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ସହ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ପାଇଁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ ।



# ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜାମିନରେ ଆସିଲେ

ବାଲେଶ୍ୱର,(ନି.ପ୍ର.)(ଖବର)ଦୀର୍ଘ ୧୦ ମାସ ଧରି ବିଚାର ବିଭାଗୀୟ ହାଜତରେ ରହିବା ପରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଜେଲ୍?ରୁ ଜାମିନରେ ମୁକୁଳିଛନ୍ତି । ଜେଲ୍?ରୁ ବାହାରିବା ପରେ ସେ ନିଜର ଶୁଭେଚ୍ଛୁ ଓ ବନ୍ଧୁମାନଙ୍କ ସହ ଭେଟିଥିବା ସୂଚନା ମିଳିଛି ।ଉଲ୍ଲେଖଯୋଗ୍ୟ ଯେ, ୨୦୨୫ ମସିହା ଜୁଲାଇ ୧୨ ତାରିଖରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଥିଲା । କଲେଜର ଇଂରାଜୀ ବିଭାଗ ମୁଖ୍ୟ ସମୀର ସାହୁ ଜଣେ ଛାତ୍ରୀଙ୍କୁ ଅନୁଗ୍ରହ (ରବଙ୍ଖକ୍ଟକ୍ସ) ମାଗିଥିବା ଅଭିଯୋଗକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଅଭିଯୋଗର ଯଥୋଚିତ ସମାଧାନ ନ ମିଳିବାରୁ ଛାତ୍ରୀ ଜଣକ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିବା ଘଟଣା ରାଜ୍ୟଜୁଡ଼ା ଚର୍ଚ୍ଚାର ବିଷୟ ପାଲଟିଥିଲା ।ଏହି ଘଟଣାକୁ ନେଇ ବାଲେଶ୍ୱର ସହଦେବଖୁଂଟା ଥାନା ପୁଲିସ ଜୁଲାଇ ୧୨ ତାରିଖରେ ମାମଲା ରୁଜୁ କରିଥିଲା । ପରେ ଜୁଲାଇ ୧୪ ତାରିଖରେ ତତ୍କାଳୀନ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଓ ଇଂରାଜୀ ବିଭାଗ ମୁଖ୍ୟ ସମୀର ସାହୁଙ୍କୁ ଗିରଫ କରାଯାଇଥିଲା ।ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପରବର୍ତୀ ସମୟରେ ମାମଲାର ତଦନ୍ତ ଭାର କ୍ରାଇମ୍ ବ୍ରାଂଚକୁ ହସ୍ତାନ୍ତର କରାଯାଇଥିଲା । କ୍ରାଇମ୍ ବ୍ରାଂଚ ପ୍ରାରମ୍ଭିକ ତଦନ୍ତରେ ୧୨୯ ଜଣ ସାକ୍ଷୀଙ୍କ ଜମାନବନ୍ଦୀକୁ ଆଧାର କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିସାରିଛି । ତେବେ ମାମଲାର ଅଧିକ ତଦନ୍ତ ଏବେ ମଧ୍ୟ ଜାରି ରହିଥିବା ସୂଚନା ମିଳିଛି ।



# ବାଲେଶ୍ୱରରେ ଉଦ୍‌ଯାପିତ ହେଲା ୨ଦିନିଆ ଉତର ଓଡ଼ିଶା ଆଦିବାସୀ ଯୁବ ମହୋତ୍ସବ-୨୦୨୬




ବାଲେଶ୍ୱର (ନି.ପ୍ର.)ଆଜି ବାଲେଶ୍ୱରର ଜିଲ୍ଲା ସ୍କୁଲ ପୁରୁଣା ଷ୍ଟାଡିୟମରେ "ଉତର ଓଡିଶା ଆଦିବାସୀ ଯୁବ ମହୋତ୍ସବ-୨୦୨୬" ଭବ୍ୟ ଭାବରେ ଉଦ୍ଘାଟିତ ହୋଇଛି । ଏହି ମହୋତ୍ସବଟି ବାଲେଶ୍ୱର ଆଦିବାସୀ ଛାତ୍ର ସଂଘ (ବାସା) ପକ୍ଷରୁ ସାନ୍ତାଳ ଗା??ଓଁତା, ବାଲେଶ୍ୱରଙ୍କ ସହଯୋଗରେ ଆୟୋଜିତ ହୋଇଥିବା ବେଳେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ଓ ଟାଟା ଷ୍ଟିଲ ଫାଉଣ୍ଡେସନ, ବାଲେଶ୍ୱର ସହଯୋଗ ମଧ୍ୟ ମିଳିଛି । ଏହି ଅବସରରେ ଓଲ୍ ଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜନ୍ମ ଜୟନ୍ତୀ ଓ ଓଲ୍ ଚିକି ଲିପିର ୧୦୦ ବର୍ଷ ପୂର୍ତି ପାଳନ କରାଯାଉଛି ।ଏହି କାର୍ଯ୍ୟକ୍ରମ ରେ ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ର ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବରେ ଯୋଗୋଦେବ ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ ଓ ଝଉଡ ଅଧ୍ୟକ୍ଷ ଶ୍ରୀ ବିପିନ ମାରାଣ୍ଡି ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ । ଉଦ୍ଘାଟନୀ ଉତ୍ସବରେ ମାନ୍ୟଗଣ୍ୟ ଅତିଥି, ସଂସ୍କୃତି ପ୍ରେମୀ ଓ ବିପୁଳ ସଂଖ୍ୟକ ଯୁବମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟି ପାରମ୍ପରିକ ସ୍ୱାଗତ ଓ ଦୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିଲା । ଅତିଥିମାନେ ତାଙ୍କ ଉଦ୍ବୋଧନରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନକୁ ସ୍ମରଣ କରି ଆଦିବାସୀ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଉପରେ ଜୋର ଦେଇଥିଲେ । ଉଦ୍ଘାଟନୀ ଅବସରରେ ସାନ୍ତାଳ ନୃତ୍ୟ ଓ ସଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମନୋମୋହିତ କରିଥିଲା । ମହୋତ୍ସବଟି ଆଗାମୀ ଦିନରେ ବିଭିନ୍ନ ସଂସ୍କୃତିକ, ଆଲୋଚନାମୂଳକ ଓ ଯୁବ କାର୍ଯ୍ୟକ୍ରମ ସହ ଜାରି ରହିବ । ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ଆଦିବାସୀ ଛାତ୍ର ସଂଘର ସଭାପତି ଶିବରାମ ମୁର୍ମୁ ଓ ସାନ୍ତାଳ ଗାଓଁତା ର ସଭାପତି ଯଦୁନାଥ ହାଁସଦା ଉଦ୍ଘାଟନ କରିବା ସହିତ ପ୍ରଦୀପ ମାରାଣ୍ଡି, ସଞ୍ଜୟ କୁମାର ମାଝୀ, ଯମୁନା ମାଝି, ସନତ ମାଝୀ, ଗଣେଶ ଚନ୍ଦ୍ର ସୋରେନ, ଜଗନ୍ନାଥ୍ ସିଂ, କାର୍ମି ସୋରେନ, ରାଇକାନ ବେଶ୍ରା, ରାମଚନ୍ଦ୍ର ହାଁସଦା, ମହେଶ୍ୱର ମଝି, ଯୋଗେନ୍ଦ୍ର ହେମ୍ବ୍ରମ, ଡା. ରାମଚନ୍ଦ୍ର କିସ୍କୁ, ସାଲଖାନ ମୁର୍ମୁ, ହରିହର ଟୁଡୁ, ପଟାଇ ସୋରେନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

# ଦାନଗଦି ବଜାରରେ ଷ୍ଟିଲ ସିଟି ପ୍ରେସ କ୍ଲବର ଜଳଛତ୍ର

କଳିଙ୍ଗନଗର(ନିପ୍ର): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧରେ ସାଧାରଣ ଲୋକଙ୍କ ଶୋଷ ମେଂଟାଇବା ପାଇଁ ଷ୍ଟିଲ ସିଟି ପ୍ରେସ କ୍ଲବ ଓ ପରିବେଶ ବଂଚାଅ ସଂଗ୍ରାମ ସମିତି ପକ୍ଷରୁ ଦାନଗଦି ବଜାରରେ ଏକ ଜଳଛତ୍ର ଉଦଘାଟନ କରାଯାଇଛି । ଏହି ମାନବିକ ସେବା କାର୍ଯ୍ୟକ୍ରମ ସ୍ଥାନୀୟ ଅଂଚଳରେ ବେଶ ପ୍ରଶଂସା ସାଉଟିଛି । ଶୁକ୍ରବାର ସକାଳେ ଦାନଗଦି ବ୍ଲକ ତ୍ରିଜଙ୍ଗା ଗ୍ରାମପଂଚାୟତ ଅନ୍ତର୍ଗତ ଦାନଗଦି ବଜାରରେ ଆୟୋଜିତ ଏହି ଜଳଛତ୍ରକୁ ଦାନଗଦି ବ୍ଲକର ବିଡିଓ ପ୍ରଦୀପ କୁମାର ସେଠୀ ଫିତା କାଟି ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ମଙ୍ଗଳପୁର ପଂଚାୟତର ସରପଂଚ ବାବୁଲି ନାଟିଆ ଯୋଗଦେଇ କାର୍ଯ୍ୟକ୍ରମକୁ ସମ୍ମାନିତ କରିଥିଲେ । କ୍ଲବ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଯାଇଥିଲା । ପରେ ବିଡିଓ ଶ୍ରୀ ସେଠୀ ନିଜ ହସ୍ତରେ ଲୋକମାନଙ୍କୁ ଦହି ସରବତ ଓ ପାନୀୟ ଜଳ ବଂଟନ କରିଥିଲେ । ଏପରି ସେବାମୂଳକ ଓ ନିଆରା ପଦକ୍ଷେପ ପାଇଁ ସେ ଷ୍ଟିଲ ସିଟି ପ୍ରେସ କ୍ଲବର ସଦସ୍ୟମାନଙ୍କୁ ଭୂରିଭୂରି ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ ଏଭଳି ସାମାଜିକ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ଶ୍ରୀକାନ୍ତ ମହାପାତ୍ର, ଅବିନାଶ ମିଶ୍ର, ତୁଷାର ସାହୁ, ପଦ୍ମନାଭ ପହି, ବିଜୟ ରଶ୍ମି ତ୍ରିପାଠୀ, ମୃତ୍ୟୁଞ୍ଜୟ ଦେଓ, ରାକେଶ ଘଡେଇ ଓ ଚିତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜଳଛତ୍ରରେ ବହୁ ସଂଖ୍ୟକ ଜନସାଧାରଣ ଦହି ସରବତ ଓ ଥଣ୍ଡା ପାନୀୟ ଜଳ ପାନ କରି ଗ୍ରୀଷ୍ମ ତାପରୁ ଆରାମ ଅନୁଭବ କରିଥିଲେ । ଏହି ସେବାମୂଳକ ପଦକ୍ଷେପକୁ ସ୍ଥାନୀୟ ଅଂଚଳରେ ବ୍ୟାପକ ସ୍ୱାଗତ କରାଯାଇଛି ।




# ଓଡ଼ିଶା ଭିଜିଲାନ୍ସ ଜାଲରେ ସହକାରୀ ଇଂ. ମଳୟ କୁମାର ନାୟକ

କଟକ(ନିପ୍ର): ମଳୟ କୁମାର ନାୟକ, ସହକାରୀ ଇଞ୍ଜିନିୟର, ଆରଡ଼ବ୍ଲୁଏସ ଏସ, କୋଲନାରା ବ୍ଲକ, ରାୟଗଡ଼ାଙ୍କୁ ଡିଏ ମାମଲାରେ ଓଡିଶା ଭିଜିଲାନ୍ସଦ୍ୱାରା ଗିରଫ କରାଯାଇଛି । ଡି ଏ ୨ଟି ବହୁମହଲା କୋଠା, ୪ଟିଉଚ୍ଚ ମୂଲ୍ୟର ପ୍ଲଟ୍, ସୁନା ୩୫୧ ଜିଏମ୍‌ଏସ, ଜମା ଟଙ୍କା ୨୭ଲକ୍ଷ, ୧ ଚାରିଚକିଆ, ମାଟି ତଳେ ଥିବା ଇତ୍ୟାଦିସମେତ ଜ୍ଞାତ ଆୟ ଉତ୍ସର ୧୦୧%ସୁନିଶ୍ଚିତ ୨୨ ତାରିଖରେ, ରାୟଗଡ଼ାର କୋଲନାରା ବ୍ଲକଆର ଡ ବ୍ଲୁଏସ ଏସ ର ସହକାରୀ ଇଞ୍ଜିନିୟର ଶ୍ରୀ ମଳୟ କୁମାର ନାୟକଙ୍କୁ ଓଡ଼ିଶା ଭିଜିଲାନ୍ସଦ୍ୱାରା ଗିରଫ କରାଯାଇଛି ଏବଂ ତାଙ୍କ ଜ୍ଞାତ ଆୟର ୧୦୧% ପରିମାଣର ଆୟ ବର୍ହିଭୂତ ସମ୍ପତି (ଡି ଏ) ରଖିବା ପାଇଁ ତାଙ୍କୁ ମାନ୍ୟବର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ବ୍ରହ୍ମପୁରଙ୍କ ଅଦାଲତକୁ ପଠା ଯାଉଛି, ଯାହା ସେ ସନ୍ତୋଷ ଜନକ ଭାବରେ ହିସାବ ଦେଇପାରିଲେ ନାହିଁ । ଏହି ସମ୍ପର୍କରେ, ବ୍ରହ୍ମପୁର ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୦୫ ତାରିଖ ୨୨.୦୫.୨୦୨୬ ରେ ସହକାରୀ ଇଞ୍ଜିନିୟର ଶ୍ରୀ ମଳୟ କୁମାର ନାୟକ ଏବଂ ତାଙ୍କ ପତ୍ନୀଙ୍କ ବିରୁଦ୍ଧରେ ୧୩(୨) ଆ/ଙ୍ଗ ୧୩(୧)(ଭ)/ ୧୨ ପିସି ସଂଶୋଧନ ଆଇନ, ୨୦୧୮ ଅନ୍ତର୍ଗତ ରୁଜୁ କରାଯାଇ ଥିଲା । ଘରତଲାସ ସମୟରେ, ମଳୟ କୁମାର ନାୟକ, ସହାୟକ ଇଞ୍ଜିନିୟର ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି ମୂଲ୍ୟର ନିମ୍ନଲିଖିତ ସ୍ଥାବର ଏବଂ ଅସ୍ଥାବର ସମ୍ପତି ଠାବ କରାଯାଇଥିଲା ; ୧) ବ୍ରହ୍ମପୁରର ଲୋଚାପଡ଼ାର ସୌନ୍ଦର୍ଯ୍ୟ ନଗରରେ ପ୍ରାୟ ୪୦୦୦ ବର୍ଗଫୁଟ କ୍ଷେତ୍ରଫଳ ବିଶିଷ୍ଟ ଗୋଟିଏ ତିନିମହଲା କୋଠା । ୨) ଥୋଲାଣ୍ଡା ବାଦାଦନ୍ଦା ସାହି, ଜଗନ୍ନାଥ ପ୍ରଶାଦ, ଗଞ୍ଜାମରେ ଏକ ତ୍ରିଗୁଣ ମହଲା କୋଠା । ୩) ୪ ଟିଉଚ୍ଚ ମୂଲ୍ୟର ପ୍ଲଟ୍ (ବରହମପୁରରେ ୩ଏବଂ ଭଞ୍ଜା ନାଗର ସହରରେ ୧) । ୪) ସୁନା ଅଳଙ୍କାର ୩୫୧.୧୪ ଗ୍ରାମ ।୫) ୨୬,୯୯,୯୫୨ ଲକ୍ଷ ଟଙ୍କାର ବ୍ୟାଙ୍କ ଏବଂ ଡାକ ଜମା ।୬) ଗୋଟିଏ ଚାରି ଚକିଆ ଗାଡ଼ି (ମାରୁତି ବାଲେନୋ) ଏବଂ ୨ଟି ଦୁଇ ଚକିଆ ଗାଡ଼ି ।୭) ପ୍ରାୟ ୮.୫୬ ଲକ୍ଷ ଟଙ୍କାର ଘରୋଇ ଜିନିଷପତ୍ର । ସମ୍ପୂର୍ଣ୍ଣ ଅନୁସନ୍ଧାନ, ଇନଭେଂଟରୀ ଏବଂ ଅଧିକ ତଦନ୍ତ ପରେ, ରାୟଗଡ଼ାର କୋଲନାରା ବ୍ଲକ ଆର ଡଏସ ଏସ ବ୍ଲୁ ଏସ ଏସ ର ସହକାରୀ ଇଞ୍ଜିନିୟର ଶ୍ରୀ ମଳୟ କୁମାର ନାୟକଙ୍କ ଆୟ, ବ୍ୟୟ ଏବଂ ସମ୍ପତି ଗଣନା କରାଯାଇଥିଲା ଏବଂ ତାଙ୍କ ପାଖରେ ଆୟର ଜ୍ଞାତ ଉତ୍ସଠାରୁ ୧୦୧% ଅଧିକ ଆୟ ବର୍ହିଭୂତ ସମ୍ପତି ଥିବା ଜଣାପଡ଼ିଥିଲା । ମାମଲାର ତଦନ୍ତ ଜାରିରହିଛି ।

# ଅପର ଜୋଙ୍କ ଜଳସେଚନ ପ୍ରକଳ୍ପର ସେଚନ କାର୍ଯ୍ୟକଳାପ ନେଇ ସମୀକ୍ଷା

ନୂଆପଡା(ନିପ୍ର): ନୂଆପଡ଼ା ଜିଲ୍ଲାରେ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ଅଧୀନରେ ସେଚନ କାର୍ଯ୍ୟକଳାପର ତଦାରଖ ଓ ନିରୀକ୍ଷଣକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୦ ଜଣ ଅଧିକାରୀଙ୍କୁ ୨୦ଟି ପାଣି ପଂଚାୟତର ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେବେ । ଏହି ନିଷ୍ପତି ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ସମ୍ବନ୍ଧୀୟ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ନିଆଯାଇଥିଲା । ବୈଠକରେ ମୁଖ୍ୟ କେନାଲ, ମାଇନର ଓ ସବ୍-ମାଇନର କେନାଲଗୁଡିକର ଉନ୍ନୟନମୂଳକ କାର୍ଯ୍ୟ, ଧାନ କ୍ଷେତକୁ ଜଳ ଯୋଗାଣ ଏବଂ ପାଣି ପଂଚାୟତମାନଙ୍କ କାର୍ଯ୍ୟକ୍ଷମତା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଶ୍ରୀ ଦାଶ ସେଚନ ଜଳର ସୁଚାରୁ ବଂଟନ ଏବଂ କେନାଲ ଭିତିଭୂମିର ଉଚିତ ରକ୍ଷାଣାବେକ୍ଷଣ ମାଧମରେ ଚାଷୀମାନଙ୍କୁ ସର୍ବାଧିକ ସୁବିଧା ଯୋଗାଇବା ପାଇଁ ନିୟମିତ କ୍ଷେତ୍ରସ୍ତରୀୟ ନିରୀକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରତି ମାସରେ ଅତି କମରେ ଥରେ ଜଳସେଚନ ବିଭାଗର ଅଧିକାରୀ ଏବଂ ସମ୍ପୃକ୍ତ ପାଣି ପଂଚାୟତର ଚାଷୀମାନଙ୍କ ସହ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କ୍ଷେତ୍ର ପରିଦର୍ଶନ ସମୟରେ ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଚିହ୍ନଟ କରି ତୁରନ୍ତ ସମାଧାନମୂଳକ ପଦକ୍ଷେପ ନେବା ପାଇଁ ମଧ କୁହାଯାଇଥିଲା । ପ୍ରତ୍ୟେକ କ୍ଷେତ୍ର ପରିଦର୍ଶନ ପରେ କେନାଲ କାର୍ଯ୍ୟର ଅଗ୍ରଗତି, ଜଳ ଯୋଗାଣର ସ୍ଥିତି ଏବଂ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କିତ ବିସ୍ତୃତ ବିବରଣୀ ସହ ରିପୋର୍ଟ ଦାଖଲ କରିବାକୁ ମଧ ଅଧିକାରୀମାନଙ୍କୁ କୁହାଯାଇଛି । ସ୍ଥାନୀୟ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜସ୍ୱ ଓ ଜଳସେଚନ ବିଭାଗ ମଧରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉପରେ ମଧ ଜୋର ଦିଆଯାଇଥିଲା ।

# ଜମିବାଡ଼ି ବିବାଦକୁ ନେଇ ବାପାକୁ ହାଣିଲା ପୁଅ

ସୋର(ନିପ୍ର): ସୋର କୋର୍ଟ ସମ୍ମୁଖରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବାପାକୁ ଗୋଡେଇ ଗୋଡେଇ ତେଲେଙ୍ଗା କଟୁରିରେ ଦୁଇ ପୁଅ ହାଣିଥିବା ବେଳେ ବାପା ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତି ହୋଇଥିବା ଦେଖାଯାଇଛି । ସୂଚନା ଅନୁସାରେ ସୋର ପୌର ପାଳିକା ଅନ୍ତର୍ଗତ ତୁଣ୍ଡପଡା ଗ୍ରାମର ଗଣେଶ ବାରିକ (୪୫) ତାଙ୍କ ଜମିରୁ ଭାଗ ନଦେବାରୁ ଦୀର୍ଘଦିନ ଧରି ବାପା ଓ ଦୁଇ ପୁଅଙ୍କ ମଧରେ ବିବାଦ ଲାଗିରହିଥିଲା । ଆଜି ମଧ୍ୟାହ୍ନରେ ବଡ଼ପୁଅ କିରଣ କୁମାର ବାରିକ (୨୩) ଓ ସାନପୁଅ କ୍ଷୀରୋଦ କୁମାର ବାରିକ (୧୯) ବାପା ଗଣେଶଙ୍କୁ ସୋର କୋର୍ଟ ନିକଟକୁ ଡକାଇଥିଲେ । ସେଠାରେ ଜମିବାଡ଼ି ବିବାଦରୁ ବଚସା ହେବା ପରେ ଦୁଇ ପୁଅ ବାପା ଗଣେଶଙ୍କୁ ଏକ ତେଲେଙ୍ଗା କଟୁରିରେ ଆକ୍ରମଣ କରିଥିଲେ । ଏଥିରେ ଗଣେଶ ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସାନପୁଅ କ୍ଷୀରୋଦ କୁ ସ୍ଥାନୀୟ ଲୋକେ କାବୁ କରି ସୋର ପୁଲିସକୁ ହସ୍ତାନ୍ତର କରିଥିବା ବେଳେ ବଡ଼ପୁଅ କିରଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି ।



# ୧୦ବର୍ଷ ପରେ ପୁଣି ଲାଗିଲା ଉଚ୍ଛେଦ ନୋଟିସ

ଧାମନଗର(ନିପ୍ର): ଐତିହାସିକ ଲୁଣିଆ ଗୁଳିକାଣ୍ଡର ସ୍ମୃତିପୀଠ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଶହୀଦ ନଗରର ରୂପ ବଦଳିବ । ରାଜ୍ୟ ସରକାର ଶହୀଦ ସ୍ମୃତିପୀଠର ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମନ୍ତେ ୧୧ କୋଟି ଟଙ୍କାର ଆର୍ଥିକ ମଞ୍ଜୁରୀ ମିଳିବା ପରେ ଆନୁଷଙ୍ଗିକ ପ୍ରକ୍ରିୟା ସରିବା ସହ କାର୍ଯ୍ୟ ଆରମ୍ଭ ହୋଇଛି । ଦୀର୍ଘ ୧୦ ବର୍ଷ ଧରି ରାଜସ୍ୱ ବିଭାଗ ମାପ ଚୁପ କରିବାରେ ବିଳମ୍ବ କରୁଥିଲେ । ଏବେ ପୁଣି ଶହୀଦନଗରରୁ ଜବରଦଖଲ ଉଚ୍ଛେଦ ପାଇଁ ଧାମନଗର ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଛି । ଶହୀଦ ନଗର ବଜାରରେ ଥିବା ୫୬ ଟି ଦୋକାନକୁ ଏଥିପାଇଁ ନୋଟିସ ଜାରିକରାଯାଇଛି । ଯାହା ବ୍ୟବସାୟୀଙ୍କ ଚିନ୍ତା ବଢାଇ ଦେଇଛି । ଅନ୍ୟପକ୍ଷରେ ଶହୀଦ ସ୍ମୃତିପୀଠର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଧାମନଗର ବ୍ଲକର କଟସାହି ଏବଂ ଖପରପଦା ପଂଚାୟତ ସୀମାରେ ରହିଛି ଶହୀଦନଗର । ତତ୍କାଳୀନ ଲୁଣିଆ ଚାନ୍ଦିଆପଶି ନାଁରେ ପରିଚିତ ଏହି ସ୍ଥାନରେ ୧୯୪୨ ମସିହା ସେପ୍ଟେମ୍ବର ୨୨ ତାରିଖରେ ବ୍ରିଟିଶ ପୁଲିସ ଗୁଳିରେ ୯ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ । ଏହା ପରେ ଏହି ସ୍ଥାନରେ ସଂଗ୍ରାମୀଙ୍କ ସ୍ମୃତିରେ ସ୍ମାରକୀ ନିର୍ମାଣ ସହିତ ଶହୀଦ ନଗର ନାମରେ ନାମିତ ହୋଇଥିଲା । ସରକାରୀ ଗୋଚର ଅନାବାଦୀ ଜଙ୍ଗଲ କିସମ ଜାଗା ଉପରେ କ୍ରମଶଃ ଘର ଦୋକାନ ଆଦି ଗଢ଼ି ଉଠିଥିଲା । ୨୦୧୭ ମସିହାରେ ବେଆଇନ ଜବରଦଖଲ ହଟାଇବା ପାଇଁ ରାଜସ୍ୱ ବିଭାଗ ପ୍ରକ୍ରିୟା ଆରମ୍ଭ କରି ନୋଟିସ ଲଗାଇଥିଲା । ପୁଣି ୨୦୨୪ରେ ମଧ ନୋଟିସ ଜାରି ହୋଇଥିଲା । କିନ୍ତୁ ଏହା କାର୍ଯ୍ୟକାରୀ ହୋଇ ପାରିନଥିଲା । ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶହୀଦ ପୀଠର ବିକାଶ ପାଇଁ ପ୍ରୟାସ ଆରମ୍ଭ କରିଥିଲେ ଏବଂ ଏଥିପାଇଁ ପ୍ରାଥମିକ ଭାବେ ଏଗାର କୋଟି ଅନୁଦାନ ମିଳିଛି । ଶହୀଦ ସ୍ମାରକୀ ସ୍ତମ୍ଭ ପୁନଃନିର୍ମାଣ, କବି ପୋଖରୀ ସୌନ୍ଦର୍ଯ୍ୟକରଣ, ପାର୍କ, ଅଡିଟୋରିୟମ, ରିଫ୍ରେସ ସେଂଟର, ଲାଇବ୍ରେରୀ ଆଦି ବିଭିନ୍ନ ଉପଲବ୍ଧି ସହିତ ନବକଳେବର କାର୍ଯ୍ୟ ହେବ । ଏଥିପାଇଁ ଡିପିଆର ପ୍ରସ୍ତୁତ ସଂଗେ ସଂଗେ କବି ପୋଖରୀ କାର୍ଯ୍ୟ ଆରମ୍ଭ ହୋଇଛି । ବିକାଶ ପାଇଁ ବେଆଇନ ଜବରଦଖଲ ଉଚ୍ଛେଦ ଏକପ୍ରକାର ଅପରିହାର୍ଯ୍ୟ ହୋଇଥିବା ବେଳେ ଏବେ ଧାମନଗର ତହସିଲ ପକ୍ଷରୁ ୫୬ ଜଣଙ୍କୁ ନୋଟିସ ଦିଆଯାଇ ଏକ ମାସ ସମୟ ଦିଆଯାଇଛି । ଗୋଟିଏ ପକ୍ଷରେ ବିକାଶ ଏବଂ ଅନ୍ୟ ପକ୍ଷରେ ଜୀବନ ଜୀବିକାକୁ ନେଇ ପ୍ରଶ୍ନ ଉଠିଛି । ଶହୀଦ ପୀଠ ଉନ୍ନୟନ ପ୍ରକଳ୍ପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇ ଉଚ୍ଛେଦ ହେବାକୁ ଥିବା ବ୍ୟବସାୟୀଙ୍କୁ ଥଇଥାନ ନିମନ୍ତେ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି । ସୂଚନା ଥାଉକି ସହିଦୀ ନଗର ଓ ଗୋହିରାଟିକିରି କୁ ପୂର୍ବ ସରକାର ୨୦୧୬ ନଭେମ୍ବର ମାସ ୨୮ ତାରିଖଦିନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଙ୍କ ଉଦ୍ୟମରେ ପର୍ଯ୍ୟଟନ ସ୍ଥଳର ମାନ୍ୟତା ମିଳିଥିଲା। ତତ୍କାଳୀନ ପର୍ଯ୍ୟଟନମନ୍ତ୍ରୀ ଉଭୟ ସ୍ଥାନ କୁ ଆସି ଉଦ୍ଘାଟନ କରିଥିଲେ । ପରେ ଉଭୟ ସ୍ଥାନ କୁ ବିକାଶ ପାଇଁ ଅର୍ଥ ଯୋଗାଇ ଦେଇଥିଲେ । ଏବେ ର ସରକାର ଉଭୟ ସ୍ଥାନ ର ବିକାଶ ପାଇଁ ଅଂଟା ଭିଡ଼ିଛନ୍ତି, କାର୍ଯ୍ୟ ମଧ ଆରମ୍ଭ ହୋଇ ଯାଇଛି ।



# ଶ୍ରମ ବିଭାଗ ୩୩ଜଣ ମୃତ ଅଣସଂଗଠିତ ଶ୍ରମିକଙ୍କ ସହାୟତା ରାଶି ଦେବାରେ ବିଳମ୍ବ

ନୟାଗଡ଼(ନିପ୍ର): ନୟାଗଡ଼ ଶ୍ରମ ବିଭାଗର ଚରମ ଅବହେଳାଯୋଗୁଁ ଅନ୍ତର୍ଜାତୀୟ ଶ୍ରମ ଦିବସରେ ହୋଇଥିବା ୩୩ଜଣ ମୃତ ଅଣସଂଗଠିତ ଶ୍ରମିକଙ୍କ ସହାୟତା୬୪ ଲକ୍ଷ ସହାୟତା ଘୋଷଣା ହୋଇଥିଲା, ଜଣଙ୍କୁ ବି ଆଜି ପର୍ଯ୍ୟନ୍ତ ମିଳିପାରିଲା ନାହିଁ । ଏହା ଦୁଃଖ ର କାରଣ ।ଏହାର ବିଧିବଦ୍ଧ ଭିଜିଲାନସ୍ ତଦନ୍ତ ହେଉ... ଜନ ସାଧାରଣ ସତ କଣ ଜଣାନ୍ତୁ । ଯଦି ବ୍ୟାଙ୍କରେ ଟଙ୍କା ନଥି ?ଲା ମିଛରେ ଆଗୁଆ ଘୋଷଣା କରୁଥିଲେ କାହିଁକି, ଅନ୍ତର୍ଜାତୀୟ ଶ୍ରମ ଦିବସ ରେ ମାନ୍ୟବର ଏମପି ପୁରୀ, ବିଧାୟକ ଖଣ୍ଡପଡା, ଜିଲ୍ଲାପାଳ ଙ୍କ ସମେତ, ଅନେକ ଅଧିକାରୀ ମାନେ ଜିଲ୍ଲାର ଉପସ୍ଥିତ ଥାଇ ଏହି ସାହାଯ୍ୟ ରାଶି ଘୋଷଣା କରା ଯାଇଥିଲା । ଏହି ସାହାଯ୍ୟ ରାଶି ଯଥାଶୀଘ୍ର ଜଦି ନ ମିଳେ ତାହଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସୂଚନା ମିଳୁଛି, ଜିଲ୍ଲାପାଳ ଏହା ଉପରେ ହସ୍ତକ୍ଷପ କରି ତୁରନ୍ତ ସମାଧାନ କରିବା ପାଇଁ ଜନସାଧାରଣ ଦାବୀ କରୁଛନ୍ତି ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ

ପୁରୀ(ନିପ୍ର): ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ତଥା ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଅଧକ୍ଷ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିବା ସହ ପୁରୀ ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଂଚଳ ଭାବେ ପରିଚିତ ଥିବାରୁ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବନ୍ୟା ଓ ବାତ୍ୟା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗରେ ପ୍ରସ୍ତୁତ କରାଯାଇଥିବା ଯୋଜନା ଅନୁସାରେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ସମସ୍ତ ଜଳସେଚନ ଡିଭିଜନ, ଡ୍ରେନେଜ ଡିଭିଜନ କ୍ଷେତ୍ର ପରିଦର୍ଶନ ସହ ସମସ୍ତ କାର୍ଯ୍ୟ କୁ ଅନୁଧ୍ୟାନ କରିବା, ଦୁର୍ବଳ ନଦୀ ବନ୍ଧ ଚିହ୍ନଟ କରି ସମୀକ୍ଷା ଓ ମରାମତି କରିବା, ଲୋକ ପ୍ରତିନିଧି ମାନଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ତାହାର ରିପୋର୍ଟ ଜିଲ୍ଲା ପ୍ରଶାସନ କୁ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।


## AFFIDAVIT

By virtue of an affidavit sworn before Executive Magistrate, Balasore dated 14.05.2026, I, Jyoti Prakash Hazra, aged 40 years, S/o- Shantanu Kumar Hazra, At- Jadapur, Ps- Sahadevkhunta, Po/Dist- Balasore declare that I have changed my son's name from Mrutynjay Hazra to Mrutunjay Hazra. Henceforth, he shall be known as Mrutunjay Hazra for all purposes.

Sd/-
Jyoti Prakash Hazra

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE

No. 25001/208/2627

**e-procurement Notice**

Bid Identyfication No e-Procurement No. 1/SERW/BLS-II/2026-27

Estimated Cost :- As specified in column 3 of Annexure
Cost of Tender Paper through online :- As specified in column 6 of Annexure
Class of Contrator :- As specified in column 7 of Annexure
Time of Completion :- As specified in column 8 of Annexure
Other Details:- :- As per DTCN

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening the Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Balasore | ETCN-1/SERW/ BLS-II/2026-27 | 25.05.2026 at 05.00 P.M. | 06.06.26 up to 5.00 P.M. | 05.06.26 up to 5.00 P.M. | 08.06.2026 at 10.00 A.M |

Further details can be seen from the web site www.tendersorissa.gov.in

OIPR. 25001/25052/1/26-27/0001

Sd/-
Superintending Engineer
R.W.Division-II,Balasore

No. 13001/594/2627

**OFFICE OF THE BALASORE MUNICIPALITY, BALASORE**

No. 2974 / Date: 29.05.2026

**E-procurement Notice**

**BID Identification No. BM_05_2026_27**


Bid Documents consisting of work, Estimated Cost. Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. Website i.e. **https://tendersodisha.gov.in/nicgep/app.**

1. Name of the Work : Civil Const, works as mentioned in DTCN
2. No. of works : 01 No.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 22.05.2026 to 10.06.2026
6. Last date and time for receipt : 10.06.2026 up to 5.00pm
7. Bids received online shall be opened on : 11-06-2026 from 11.00 AM onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. **https://tendersodisha.gov.in/nicgep/app.**

OIPR. 13001/13154/1/26-27/0006

Sd/-
Executive Officer
Balasore Municipality





ଯେଉଁ ଲୋକ ନିଜର ବନ୍ଧୁଙ୍କୁ ଠକୁଛି ସେ ଜାଣି ଭଗବାନଙ୍କୁ ଠକୁଛି ।

# ଆଜିକାଲି



ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ
ଅହଂକାର ବିମୂଢ଼ାତ୍ମା କର୍ତାହମିତି ମନ୍ୟତେ
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ସମସ୍ତ କର୍ମ ପ୍ରକୃତିର ଗୁଣମାନଙ୍କ ଦ୍ୱାରା କରାଯାଉଥାଏ । ତଥାପି ଯାହାର ଅନ୍ତଃକରଣ ଅହଂକାରରେ ମୋହିତ ହୋଇ ରହିଥାଏ ସେହି ଅଜ୍ଞାନ 'ମୁଁ ହିଁ କର୍ତା' ବୋଲି ମନେ କରେ ।

## ଭାରତରେ ବୈଦ୍ୟୁତିକ ଯାନ

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଦେଶରେ ତୈଳ ସଂକଟ ଏବଂ ଦୀର୍ଘ ଚାରିବର୍ଷ ପରେ ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଲିଟର ପିଛା ଦର ଏବେ ଚାରି ଟଙ୍କାରୁ ଅଧିକ ବୃଦ୍ଧି କେବଳ ଯାନବାହାନ ବ୍ୟବହାରକାରୀଙ୍କ ପାଇଁ ଚିନ୍ତାର କାରଣ ହୋଇନାହିଁ, ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧି କରିଛି । ସେହିପରି ବସ ସମେତ ପେଟ୍ରୋଲ, ଡିଜେଲ ପରିଚାଳିତ ପରିବହନ ବ୍ୟବସ୍ଥା ଭଡା ବୃଦ୍ଧି ମଧ୍ୟ ଘଟିଛି । ଏହା ନିସନ୍ଦେହ ଯେ, ପେଟ୍ରୋଲ, ଡିଜେଲ ବ୍ୟବହାର କମାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଦେଶରେ କେବଳ ଏହାର ଅଭାବ ନୁହେଁ, ଆର୍ଥୀକ ସଂକଟର ସଂକେତ ପ୍ରଦାନ କରିଛି । ନିକଟରେ କେନ୍ଦ୍ର ପରିବହନ ମନ୍ତ୍ରୀ ନିତୀନ ଗଡକାରୀ ଏକ ଆଲୋଚନା ଚକ୍ରରେ ପେଟ୍ରୋଲ-ଡିଜେଲ ଚାଳିତ ଯାନବାହନ ଉପରେ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ମଧ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ସେ କହିଛନ୍ତି ଯେ, ପେଟ୍ରୋଲ-ଡିଜେଲ ଚାଳିତ ଯାନବାହାନର ଭବିଷ୍ୟତ ଶୂନ । କେନ୍ଦ୍ର ପରିବହନ ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଭବିଷ୍ୟତରେ ଦେଶରେ ପେଟ୍ରୋଲ-ଡିଜେଲ ଚାଳିତ ଯାନବାହାନ ବ୍ୟବହାର ନିଷିଦ୍ଧ କିମ୍ବା ପେଟ୍ରୋଲ-ଡିଜେଲର ସଂକଟ ସମ୍ପର୍କରେ ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଏବେ ମାସିକ ପ୍ରାୟ ୨୦ ମିଲିଅନ ଟନ ପେଟ୍ରୋଲିୟମ ଉତ୍ପାଦ ତଥା ପେଟ୍ରୋଲ, ଡିଜେଲ, ଗ୍ୟାସ ଏବଂ ଲୁବ୍ରିକାଂଟ ବ୍ୟବହୃତ ହେଉଛି । ଏହି କ୍ରମରେ ପେଟ୍ରୋଲିୟମଜାତ ଉତ୍ପାଦର ୭୫ପ୍ରତିଶତ ହେଉଛି ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଗ୍ୟାସ । ଡଲାର ତୁଳନାରେ ଟଙ୍କାର କ୍ରମାଗତ ମୂଲ୍ୟ ହ୍ରାସ, ଅଶୋଧିତ ତୈଳର ମୂଲ୍ୟବୃଦ୍ଧି ଯୋଗୁଁ ଦେଶର ମୁଦ୍ରା ଭଣ୍ଡାର ଉପରେ ଏହାର ପ୍ରଭାବ ପଡିଛି । ସେହିପରି ପେଟ୍ରୋଲ ଡିଜେଲର ବହୁଳ ବ୍ୟବହାର ଯୋଗୁଁ ପରିବେଶ ମଧ ଦିନକୁ ଦିନ ବିଗିଡିବାରେ ଲାଗିଛି । ପରିବେଶ ସୁରକ୍ଷା ନେଇ ଏବେ ବିଶ୍ୱବାସୀ ଚିନ୍ତିତ । ପରିବେଶ ଏବଂ ବୈଦେଶିକ ମୁଦ୍ରା ଭଣ୍ଡାର ସୁରକ୍ଷା ପାଇଁ ଏବେ ବୈଦ୍ୟୁତିକ ଯାନବାହାନ (ଇଭି) ବ୍ୟବହାର ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି । ମାତ୍ର ପେଟ୍ରୋଲ, ଡିଜେଲ ଯାନବାହାନ ନିକଟରେ ଇଭି ଅତ୍ୟନ୍ତ ପ୍ରଭାବହୀନ ରହିଛି । ଉଦାହରଣ ସ୍ୱରୁପ ଗଲାବର୍ଷ ଦେଶରେ ୪.୭ ମିଲିଅନ କାର ବିକ୍ରି ହୋଇଥିବାବେଳେ ସେଥିମଧ୍ୟରେ ମାତ୍ର ୦.୨ ମିଲିଅନ କିମ୍ବା ୪.୩ ପ୍ରତିଶତ ହେଉଛି ଇଭି କାର । ଏହି ସମୟରେ ଚୀନରେ ୨୪ ମିଲିଅନ କାର ବିକ୍ରି ହୋଇଥିଲା । ଯେଉଁଥିରେ ୫୩ପ୍ରତିଶତ ଥିଲା ଇଭି କାର । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି । ବର୍ଷେ କିମ୍ବା ଦୁଇ ବର୍ଷ ମଧ୍ୟରେ ଇଭି କାର ବିକ୍ରି ୧୦ ପ୍ରତିଶତ କିମ୍ବା ୨୦ ପ୍ରତିଶତକୁ ବୃଦ୍ଧି ପାଇପାରେ । ଯେତେବେଳେ ଇଭି ଯାନ ଉପରେ ଆମର ନିର୍ଭରଶୀଳତା ବଢିବ, ସେତେବେଳେ ଦେଶର ତୈଳ ଆମଦାନୀ ହ୍ରାସ ପାଇବ, ଏଥିରେ ସନ୍ଦେହ ନାହିଁ । ଆମ ରାଜ୍ୟରେ ଇଭି ଯାନ ବ୍ୟବହାର ବୃଦ୍ଧି ଏବେ ପରିଲକ୍ଷିତ ହୋଇଛି । ଇଭି ଯାନ କିଣିବା ପାଇଁ ସରକାର ପ୍ରୋତ୍ସାହନ ଦେଉଛନ୍ତି । ନିକଟରେ ଆମ ରାଜ୍ୟରେ ତୈଳ ସଂକଟ ପରି ଆମ ରାଜ୍ୟରେ ଇଭିଯାନ ବିକ୍ରି ବଢିଛି ସତ ମାତ୍ର ଯଥେଷ୍ଟ ନୁହେଁ । ଇଭି ପ୍ରତି ଏବେ ବି ଜନସାଧାରଣ ବିମୁଖ । ଏହାର କାରଣ ହେଉଛି ଅତ୍ୟଧିକ ଦାମ, ମେକାନିଜମ ଏବଂ ଭିତିଭୂମିର ଅଭାବ । ଏକ ରିପୋର୍ଟରୁ ଜଣାଯାଇଛି ଯେ, ଇଭି କାରର ଦାମ ଆଇସିଇ କାର ଠାରୁ ଅଧିକ । କେବଳ କାର ନୁହେଁ, ଇଭି ବାଇକ ଏବଂ ସ୍କୁଟରର ଦାମ ସାଧାରଣ ପେଟ୍ରୋଲ ଚାଳିତ ବାଇକ, ସ୍କୁଟର ଦାମ ଠାରୁ ଅଧିକ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇଭି ଯାନକୁ ସାଧାରଣ ଗ୍ୟାରେଜ ମିସ୍ତ୍ରୀ ସଜାଡି ପାରେ ନାହିଁ । ଏଥିପାଇଁ ସୋ ରୁମକୁ ନେବାକୁ ପଡିଥାଏ । ସେହିପରି ଇଭି ଚାର୍ଜିଂ ସେଂଟରର ଭିତିଭୂମିର ଅଭାବ । ସ୍କୁଟର, ବାକଇକୁ ଘରେ ଚାର୍ଜ କରି ହେବ କିନ୍ତୁ କାର ନୁହେଁ । ବର୍ତମାନ ସୁଦ୍ଧା ଆବଶ୍ୟକୀୟ ଚାର୍ଜିଂ ସେଂଟର ନାହିଁ । ଚାର୍ଜିଂ ସେଂଟର ପ୍ରତିଷ୍ଠା ପାଇଁ ସରକାର କିମ୍ବା ଇଭି କାର ଉତ୍ପାଦନକାରୀ କମ୍ପାନୀଗୁଡିକ ସେପରି ଆଗ୍ରହ ପ୍ରଦର୍ଶନ କରୁଥିବା ମନେହୁଏ ନାହିଁ । ବୋଧହୁଏ ଏହି ସବୁ ଜଟିଳତା ପାଇଁ ଇଭି ଯାନ ବ୍ୟବହାର ଲକ୍ଷ୍ୟ ପୂରଣ ଏବେ ବି ବହୁ ଦୂରରେ ରହିଛି । ବିଗତ ପାଂଚ ବର୍ଷ ମଧ୍ୟରେ ୧୦ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇପାରିନଥିବା କୁହାଯାଏ । ଏହା ସତ୍ୱେ ଆସନ୍ତା ୨୦୩୦ ମସିହା ସୁଦ୍ଧା ୩୦ ପ୍ରତିଶତ ଲକ୍ଷ୍ୟ ପୁରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ତେବେ ଏହି ଲକ୍ଷ୍ୟ ପୁରଣ କେତେ ଦୂର ସାକାର ହେବ, ତାହା ସମୟ ହିଁ କହିବ । ସେହିପରି ଇଭିର ବ୍ୟାଟେରି ଦାମ ଯାନ ଦାମର ୪୦ପ୍ରତିଶତରୁ ଅଧିକ । ବ୍ୟାଟେରି ଗ୍ୟାରେଂଟି ୫ବର୍ଷ ପାଇଁ ହୋଇଥିବାବେଳେ ଏହାର ଅତ୍ୟଧିକ ଦାମ ବ୍ୟବହାରକାରୀଙ୍କ ପାଇଁ ଏବେ କେବଳ ମୁଣ୍ଡବ୍ୟଥାର କାରଣ ହୋଇନାହିଁ, ବିମୁଖତାର କାରଣ ବୋଲି କୁହାଯାଇପାରେ । ଏଥିପାଇଁ ସରକାର ଓ ଉତ୍ପାଦନକାରୀ କମ୍ପାନୀ ଧ୍ୟାନ ଦେବା ଆବଶ୍ୟକ ।

# ସକାରାତ୍ମକ ବ୍ୟକ୍ତି ସମାଜ ପାଇଁ ଆଲୋକବର୍ତିକା



◆ ହେମନ୍ତ କୁମାର ଗନ୍ତାୟତ

ସାଧାରଣତଃ ଆଜିକାଲି ମନୁଷ୍ୟମାନଙ୍କ ଠାରେ ଅଧିକାଂଶ ମାନସିକ ଅବସାଦ ଯୋଗୁଁ, ଅନେକ ପ୍ରକାର ରୋଗ ସୃଷ୍ଟି ହେବାରେ ଲାଗିଛି । ତେଣୁ ମନକୁ ଶୋଧନ କରାଗଲେ ହିଁ ଆମେ ଅନେକ ରୋଗରୁ ମୁକ୍ତ ହୋଇପାରିବା । ଏହି ମନ କେବଳ ରୋଗ ଓ ନୀରୋଗର ସହାୟକ ହୋଇନଥାଏ ! ଅପିତୁ ଏହା ବନ୍ଧନ ଏବଂ ମୋକ୍ଷର କାରଣ ବୋଲି ମଧ ବ୍ରହ୍ମବିନ୍ଦୁ ଉପନିଷଦରେ କୁହାଯାଇଛି:


*' ମନ ଏବ ମନୁଷ୍ୟାଣାଂ , କାରଣଂ ବନ୍ଧମୋକ୍ଷୟୋଃ ।*
*ବନ୍ଧାୟ ବିଷୟାସକ୍ତଂ , ମୁକ୍ତେ ନିର୍ବିଷୟଂ ସ୍ମୃତମ୍ । '*

ଅର୍ଥାତ୍ ବିଷୟାସକ୍ତ ମନ ମନୁଷ୍ୟକୁ ବନ୍ଧନ ଦେଇଥାଏ ଏବଂ କାମନା, ବାସନା ଓ ସଂକଳ୍ପ ରହିତ ମନ ମନୁଷ୍ୟକୁ ମୁକ୍ତି ପ୍ରଦାନରେ ସହାୟକ ହୋଇଥାଏ । ସାଧାରଣତଃ ଏହି ମନର ଦୁଇଗୋଟି ସ୍ୱରୂପ ରହିଛି ଯଥା: ଶୁଦ୍ଧ ଓ ଅଶୁଦ୍ଧ ମନ । ଯେତେବେଳେ ମନ ତାମସିକ ଓ ରାଜସିକ ଗୁଣକୁ ଆଶ୍ରୟ କରିନିଏ ସେତେବେଳେ ଅଶୁଦ୍ଧ ହୋଇ ବିଭିନ୍ନ ପ୍ରକାରର କୁକର୍ମ ଆଚରଣ କରିଥାଏ, ଯା'ଫଳରେ ନକାରାତ୍ମକ ଭାବନାମାନ ସୃଷ୍ଟି ହୁଏ । ସେଭଳି ଯେତେବେଳେ ମନ ସାତ୍ୱିକ ଗୁଣକୁ ଆଶ୍ରୟ କରିନିଏ ସେତେବେଳେ ଶୁଦ୍ଧ କର୍ମମାନ କରିବା ସକାଶେ ପ୍ରେରଣା ପାଇଥାଏ ଏବଂ ଶରୀରରେ ସକାରାତ୍ମକ ଉର୍ଜା ଜନ୍ମନିଏ । ଏଣୁ କୁହାଯାଇଛି:

*ମନୋ ହି ଦ୍ୱିବିଧଂ ପ୍ରୋକ୍ତଂ , ଶୁଦ୍ଧଂ ଚାଶୁଦ୍ଧମେବ ଚ ।*
*ଅଶୁଦ୍ଧଂ କାମସଙ୍କଳ୍ପଂ , ଶୁଦ୍ଧଂ କାମବିବର୍ଜିତମ୍ ।*

ସାଧାରଣ ମନୁଷ୍ୟର ଜୀବନ ଯାତ୍ରା ଅତିବ ସଂଘର୍ଷମୟ । ଏହି ଯାତ୍ରାରେ ସୁଖ-ଦୁଃଖ, ଉତାନ-ପତନ ଏବଂ ସଫଳତା-ବିଫଳତା ଆଦି ଲାଗିରହିଛି । ତଥାପି ଏ ସବୁ ପରିସ୍ଥିତିରେ ଆମେ କିପରି ଏକ ସୁନ୍ଦର ଜୀବନ ଅତିବାହିତ କରିବା, ତାହା ଆମ 'ମନୋଭାବ' ଉପରେ ନିର୍ଭର କରେ । କାରଣ ଉତମ ମନୋଭାବର ପରିପ୍ରକାଶ ହିଁ ଏକ ସଫଳ ମାନବୀୟ ଜୀବନର ଲକ୍ଷ୍ୟ । ଏଥି ପାଇଁ ଆବଶ୍ୟକ ସକାରାତ୍ମକ ଚିନ୍ତନ । ଯାହା ସାଧାରଣ ମଣିଷକୁ ଅସାଧାରଣ ବ୍ୟକ୍ତିତ୍ୱରେ ରୂପାନ୍ତରିତ କରିପାରେ । ଏହାଫଳରେ ମଣିଷ ଅସମ୍ଭାବନା ଭିତରେ ବି ସମ୍ଭାବନା ଦେଖିପାରେ । ସେ ସୁଖ ଓ ଦୁଃଖ ଉଭୟ ପରିସ୍ଥିତିରେ ବି ସ୍ଥିତପ୍ରଜ୍ଞର କାର୍ଯ୍ୟ ସମ୍ପାଦନ କରିବା ପାଇଁ ସକ୍ଷମ ହୋଇଥାଏ । ତେଣୁ ଏପରି ମାନସିକ ବ୍ୟକ୍ତିଙ୍କ ନିମନ୍ତେ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି:

*ଦୁଃଖେଷ୍ୱନୁଦ୍ୱିଗ୍ନମନାଃ , ସୁଖେଷୁ ବିଗତସ୍ପୃହଃ ।*
*ବୀତରାଗଭୟକ୍ରୋଧଃ , ସ୍ଥିତଧୀର୍ମୁନିରୁଚ୍ୟତେ ।।*



ଅର୍ଥାତ୍ ଯାହାର ମନ ଦୁଃଖରେ ବିଚଳିତ ହୁଏନାହିଁ କି ସୁଖ ପ୍ରତି ଲାଳାୟିତ ହୁଏ ନାହିଁ ଏବଂ ଆସକ୍ତି, ଭୟ ଓ କ୍ରୋଧ ମୁକ୍ତ ରହେ, ତାଙ୍କୁ ସ୍ଥିତପ୍ରଜ୍ଞ ମୁନୀ (ସକାରାତ୍ମକ ମନୁଷ୍ୟ) ବୋଲି କୁହାଯାଏ ।

ସକାରାତ୍ମକ ମନୋଭାବର ଅର୍ଥ ହେଉଛି ଯେ, ମନରେ ଆତ୍ମବିଶ୍ୱାସ ରଖିବା ଏଂ ତାସହ ପ୍ରତ୍ୟେକ ପରିସ୍ଥିତିରେ ସଞ୍ଜମତାର ସହ କାର୍ଯ୍ୟ କରିବା । ସମସ୍ୟା ଥିଲେ ବି ସମସ୍ୟାର ଉର୍ଦ୍ଧ୍ୱକୁ ଯାଇ ତାକୁ ଅତିକ୍ରମ କରିବା ପାଇଁ ସୁଦୃଢ଼ ବିଶ୍ୱାସ ରଖିବା । ଯେଉଁମାନେ ଏ ପ୍ରକାର ଚିନ୍ତନ କରି କାର୍ଯ୍ୟ କରିଥାଆନ୍ତି, ସେମାନେ ନିଜ ଭୁଲରୁ ଶିକ୍ଷା ଲାଭ କରନ୍ତି ଏବଂ ଭବିଷ୍ୟତରେ ଉତ୍ସାହର ସହ କାର୍ଯ୍ୟ କରିବା ପାଇଁ ପ୍ରେରଣା ମଧ୍ୟ ପାଇଥାନ୍ତି । ଏପରି ଭାବଧାରୀ ବ୍ୟକ୍ତିମାନଙ୍କ ମନରେ ଶାନ୍ତି ଓ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଘଟିଥାଏ । ପରନ୍ତୁ ଏହାର ବିପରୀତ ଧର୍ମୀ ନକାରାତ୍ମକ ଚିନ୍ତାଧାରା ବ୍ୟକ୍ତି ବିଶେଷମାନେ ଚିନ୍ତା ଓ ବିଷାଦ ଆଡ଼କୁ ଚାଲି ଯାଇଥାନ୍ତି । ଯଦି ଆମେ ବିଷମ ପରିସ୍ଥିତିରେ ବି ଭଲ ଦିଗଟିକୁ ଦେଖିବାର ପ୍ରୟାସ କରିବା ତେବେ ମାନସିକ ଅବସାଦକୁ ଦୂରେଇ ଦେଇ ପାରିବା । ଯା'ଫଳାରେ ମସ୍ତିଷ୍କରେ ମାନସିକ ଚାପର ହରମୋନ୍ ନିର୍ଗତ ହେବନାହିଁ । ଯାହା ଶରୀର ଓ ସ୍ୱାସ୍ଥ୍ୟ ପାଇଁ ବି ହିତକାରକ । ସଫଳତାର ସୂତ୍ର ନିମନ୍ତେ ଇତିହାସର ଅନେକ ଉଦାହରଣ ମଧ ସାକ୍ଷୀ ରହିଛି । ଯେଉଁମାନଙ୍କର ଆତ୍ମବିଶ୍ୱାସ ରହିଛି ଯେ, ସେମାନେ ନିଶ୍ଚିତଭାବେ ଜୟ କରି ପାରିବେ ବୋଲି ଭାବନ୍ତି; ତେବେ ସେମାନଙ୍କର ହିଁ ବିଜୟ ହୋଇଥାଏ । କାରଣ ଏପରି ମନୋଭାବଧାରୀ ବ୍ୟକ୍ତିକୁ ଆତ୍ମବିଶ୍ୱାସ ବଳ ଯୋଗାଇ ଥାଏ । ସକାରାତ୍ମକ ଚିନ୍ତାଧାରାର ବ୍ୟକ୍ତିମାନେ ସର୍ବଦା ଅନ୍ୟ ଲୋକମାନଙ୍କୁ ଆକର୍ଷିତ କରିବା ସହ, ସେମାନେ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିଥାନ୍ତି । ଏପରି ଗୁଣ କୌଣସି ଜନ୍ମଜାତ ଗୁଣ ନୁହେଁ, ଏହା ଅଭ୍ୟାସ ଦ୍ୱାରା ହିଁ ବିକଶିତ ହୋଇଥାଏ ।

### ସକାରାତ୍ମକ ସାଧନାର କିଛି ଦିଗ ମଧ ରହିଛି ଯଥା:

ନିଜ ବିଷୟରେ ଉତମ ଚିନ୍ତନ କରିବା । ଆମେ ନିଜ ସହ କିପରି କଥା ହେଉ, ତାହା ବହୁତ ଗୁରୁତ୍ୱପୂର୍ଣ୍ଣ । ଯଦି ଆମେ ସର୍ବଦା 'ମୋ ଦ୍ୱାରା ହେବନାହିଁ' !, 'ମୁଁ ଅଭାଗାଟାଏ' ! ଏଭଳି କଥା କହି ଚାଲିବା, ତେବେ ମନ ସେପରି ହିଁ ବିଶ୍ୱାସ କରିନେବ । ଏହା ପରିବର୍ତେ, 'ମୁଁ ଚେଷ୍ଟା କରିବି' ଏବଂ 'ମୁଁ ଏଥିରୁ ଶିଖିବି' ତାସହ କୃତକାର୍ଯ୍ୟ ମଧ ହେବି ବୋଲି ଏଭଳି ମନକୁ କଥା କହିବା । ଏହା ଗୋଟିଏ ଦିନର କାମ ନୁହେଁ, ଏହା ଅଭ୍ୟାସର କାମ । ଆମ ପାଖରେ କ'ଣ ଅଭାବ ଅଛି, ତାହା ଦେଖିବା ପରିବର୍ତେ ଆମ ପାଖରେ ଯାହା ଅଛି, ସେଥିପାଇଁ ଭଗବାନଙ୍କୁ କୃତଜ୍ଞତା ଜଣାଇବା । ସେ'ପରି ଦୈନିକ କୃତଜ୍ଞତା ଡାଏରୀ ଲେଖିବା ଦ୍ୱାରା ମନରେ ସକରାତ୍ମକତା ଭାବନା ବୃଦ୍ଧି ଘଟିଥାଏ । ଯା'ଫଳରେ ଆମ ପାଖରେ ଥିବା ଲୋକମାନେ ଆମର ଚିନ୍ତାଧାରା ଉପରେ ପ୍ରଭାବିତ ହୋଇଥାନ୍ତି । ଯେଉଁମାନେ ସର୍ବଦା ଅଭିଯୋଗ କରନ୍ତି ବା ନକାରାତ୍ମକ କଥା କହନ୍ତି, ସେମାନଙ୍କଠାରୁ ଦୂରେଇ ରହିବା ସହ ଉତ୍ସାହୀ ଓ ସକାରାତ୍ମକ ଲୋକଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିବାକୁ ହେବ ଏବଂ ବିଫଳତାକୁ ଅନ୍ତ ବୋଲି ନ ଭାବି, ତାକୁ ଏକ ଶିକ୍ଷା ବୋଲି ଧରିନେବାକୁ ପଡିବ । ପ୍ରତ୍ୟହ ନିୟମିତ ଭାବେ ଧ୍ୟାନ ଏବଂ ବ୍ୟାୟାମ କରିବା ଦ୍ୱାରା ମନ ଶାନ୍ତ ରହେ ଓ ନକାରାତ୍ମକତା ଦୂରେଇଯାଏ । ଏପରି ସକାରାତ୍ମକ ବ୍ୟକ୍ତି ସମାଜ ପାଇଁ ଏକ ଆଲୋକବର୍ତିକା ସଦୃଶ । ଏମାନଙ୍କ ଜୀବନରେ ସ୍ୱଦା ଆନନ୍ଦ, ସନ୍ତୋଷ ଓ ସାହାସ ଭରି ରହିଥାଏ । ସବୁଠାରୁ ବଡ଼ କଥା ହେଉଛି, ଏମାନେ ଉତମ ସ୍ୱାସ୍ଥ୍ୟର ଅଧିକାରୀ ହୋଇଥାନ୍ତି । ଜୀବନ ସର୍ବଦା ବ୍ୟକ୍ତିକୁ ପରୀକ୍ଷା କରିଥାଏ । କିନ୍ତୁ ନିଜର ସକାରାତ୍ମକ ମନୋଭାବ ସେହି ପରୀକ୍ଷାରେ ଉତୀର୍ଣ୍ଣ ହେବାର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର । ମଣିଷ ନିଜ ଜୀବନର ଘଟଣାଗୁଡ଼ିକୁ ପରିବର୍ତନ କରିପାରିବ ନାହିଁ, କିନ୍ତୁ ତାହା ପ୍ରତି ତା'ର ଦୃଷ୍ଟିକୋଣକୁ ନିଶ୍ଚିତ ଭାବେ, ସେ ବଦଳାଇ ପାରିବ । ଏପରି ମନ ହିଁ ସୁଖୀ ଜୀବନର ମୂଳଦୁଆ । ତେବେ, ଆସନ୍ତୁ ଆଜିଠାରୁ ପ୍ରତି କଷ୍ଟ ଭିତରେ ଆଶାର କିରଣ ଖୋଜିବା ଏବଂ ନିଜ ମନକୁ ସକାରାତ୍ମକତାରେ ଭରିଦେବା । କାରଣ ସକାରାତ୍ମକ ମନୋଭାବ ହେଉଛି, ଏ ଜୀବନ ଯାତ୍ରାରେ ସଫଳତା ଓ ଶାନ୍ତିର ଚାବିକାଠି ।

*ଖଡ୍ଗେଶ୍ୱରୀ ପାଟଣା , ଆସିକା, ଗଞ୍ଜାମ-୯୮୬୧୩୩୪୮୬୮*

# ଗର୍ବ ଗଞ୍ଜନ୍ତି ନରହରି

◆ ଆଶୁତୋଷ ନାୟକ



ଏ ବିଶ୍ୱବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ । ମନୁଷ୍ୟ ନିଜର ବୃଦ୍ଧି, ବିବେକ, ଜ୍ଞାନ ପାଇଁ ସର୍ବଶେଷ୍ଠ ଆସନ ଅଳଙ୍କୃତ କରିଛି । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛି ଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ । କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ପରମଶାସ୍ତ୍ର ଭାଗବତରେ ଏହା ଉଲ୍ଲେଖ ଅଛି ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ଗାଳି, ନିନ୍ଦା, ଅପମାନ ହସିହସି ସହ୍ୟ କରନ୍ତି କିନ୍ତୁ କାହାରି ଅହଂକାର, ଗର୍ବ, ଅହମିକା ସହ୍ୟ କରନ୍ତି ନାହିଁ । ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି ।' ଗାଳି ମୁଁ ସହଇ, ଗର୍ବ ନ ସହଇ, ତତକି ଚୂର୍ଣ୍ଣ କରଇ ' ଆହୁରି ମଧ କୁହାଯାଇଛି ' ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି ' ପରମଶାସ୍ତ୍ର ଭାଗବତ, ଭଗବତ ଗୀତାରେ ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେପରିକି ମହାଜ୍ଞାନୀ ଦେବଦେବ ମହାଦେବଙ୍କ ପରମଭକ୍ତ ଦଶାନନ ଅହଂକାରୀ ରାବଣ, ଅତ୍ୟାଚାରୀ କଂସ, ଭଗବାନ ବିଷ୍ଣୁଙ୍କ ବାହାନ ଗରୁଡ଼, ରାଣୀ ସତ୍ୟଭାମା, ମହାବୀର ରାଜା ବାଳି, ଦେବତାଙ୍କ ରାଜା ଇନ୍ଦ୍ର, ସୁଦର୍ଶନ, ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଦେବର୍ଷି ନାରଦ, ମହାଦାନୀ କର୍ଣ୍ଣ, ରାଜା ବଳି, ଏପରି ଅନେକଙ୍କ ଗର୍ବ ମହାପ୍ରଭୁ କାଳିଆ ସାଆନ୍ତ ଚୂର୍ଣ୍ଣ କରିଛନ୍ତି । ସୋମରସ ସେବନ କରି ନିଜର ଅହମିକା ପାଇଁ ନିଜ ନିଜ ମଧ୍ୟରେ ଲଢେଇ କରୁଥିବା ନନ୍ଦବଂଶକୁ ଭଗବାନ ଶ୍ରୀକୃଷ୍ଣ ନିଜେ ନିଜର ବଂଶକୁ ନିପାତ କରିଛନ୍ତି । ଗୋଟିଏ ଗଳ୍ପ ମାଧ୍ୟମରେ ଏହି ବିଷୟବସ୍ତୁକୁ ମୁଁ ଉପସ୍ଥାପନା କରିବି । ଗୋଟିଏ ରାଜ୍ୟରେ ଜଣେ ମହାପରାକ୍ରମୀ, ମହାବଳଶାଳୀ, ମହାଜ୍ଞାନୀ, ଆକର୍ଷଣୀୟ ଅତି ସୁନ୍ଦର ହୃଷ୍ଟପୃଷ୍ଟ ଚେହେରା ଥିବା ବିଶ୍ୱବିଜୟୀ ରାଜା ଥିଲେ । ସେ ଏତେ ପରାକ୍ରମୀ ସାହସୀ, ବଳଶାଳୀ ଥିଲେ କି ତାଙ୍କ ନାଁ ଶୁଣି ଅନେକ ରାଜ୍ୟର ରାଜା ବିନା ଯୁଦ୍ଧରେ ପରାଜୟ ସ୍ୱୀକାର କରି ତାଙ୍କର ରାଜ୍ୟକୁ ସ୍ୱହସ୍ତରେ ଟେକିଦେଉଥିଲେ । ରାଜା ଏତେ ପରାକ୍ରମୀ ଥିଲେ କି ୧୦୦୦ରୁ ଅଧିକ ରାଜ୍ୟରେ ସେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ତାଙ୍କର ଅନେକ ସୈନ୍ୟ ସାମନ୍ତ, ଅଜସ୍ର ଧନସମ୍ପଳି, ହୀରା, ନୀଳା, ମୋତି, ମାଣିକରେ ଭରପୁର ଥିଲା ତାଙ୍କର ଭଣ୍ଡାର । ସେ ରାଜାଙ୍କର ଏତେ ଅହଂକାର ଓ ଅହମିକା ଥିଲା କି ରାଜ୍ୟର ମନ୍ତ୍ରୀ, ସୈନ୍ୟ ସାମନ୍ତ, ପଡୋଶୀ ରାଜ୍ୟର ରାଜା, ଋଷିମୁନି, ପଣ୍ଡିତ ମାନଙ୍କୁ ପଶୁଠାରୁ ଭି ହୀନ ଚକ୍ଷୁରେ ଦେଖୁଥିଲେ । ସେ ରାଜାଙ୍କର ଯେତେବେଳେ ଯାହାଭି ମନରେ ଅଭିଳାଷା ଜାଗ୍ରତ ହେଉଥିଲା ସେ ଅବିଳମ୍ବେ ନିଜର ଅର୍ଥ ବଳ, ବାହୁ ବଳ, କୁଟନୀତି ପ୍ରୟୋଗ କରି ତାକୁ ହାସଲ କରୁଥିଲେ । ରାଜାଙ୍କର ମୃଗ ଶିକାର କରିବା ସଉକ ଥିଲା ।ଦିନେ ସେ ନିଜର ସୈନ୍ୟସାମନ୍ତଙ୍କ ସହ ମୃଗ ଶିକାର କରିବାକୁ ବାହାରିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ମୃଗ ପଛରେ ଧାବମାନ ପଥଭ୍ରଷ୍ଟ ହୋଇ ଘସଙ୍ଖ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ ଆଉ ତାଙ୍କର ସୈନ୍ୟ ସାମନ୍ତଙ୍କ ସହ ଭେଟ ହୋଇନଥିଲା । ସେହି ଘସଙ୍ଖ ଅରଣ୍ୟ ମଧ୍ୟରେ ଦୀର୍ଘ ଦିନରୁ ଭୋକିଲା ଥିବା ଏକ ମହାବଳ ବାଘ ରାଜାଙ୍କୁ ଆକ୍ରମଣ କରିବା ପାଇଁ କ୍ଷିପ୍ର ଗତିରେ ଅଗ୍ରସର ହେଲା । ମହାବଳ ବାଘଠାରୁ ରକ୍ଷା ପାଇବା ପାଇଁ ଅନ୍ୟ କୌଣସି ଉପାୟ ନପାଇ ରାଜା 'ରକ୍ଷା କର ରକ୍ଷା କର ' ବୋଲି ଚିତ୍କାର କରିଥିଲେ । ରାଜାଙ୍କର ଚିତ୍କାର ଶୁଣି ତାଙ୍କର ମନ୍ତ୍ରୀ, କିଛି ସୈନ୍ୟ ସାମନ୍ତ ରାଜାଙ୍କର ସମ୍ମୁଖକୁ ଆସିଥିଲେ ମଧ ତାଙ୍କୁ ଉଦ୍ଧାର ନକରି ଭୟରେ ପଳାୟନ କରିଥିଲେ । ରାଜା ଯେତେ ନେହୁରା ହେଲେ ମଧ ସେମାନେ କୌଣସି କଥା କର୍ଣ୍ଣପାତ କରିନଥିଲେ । ପରିଶେଷରେ ମହାବଳ ବାଘର ଆକ୍ରମଣରେ ମାତ୍ର କିଛି ସମୟ ମଧ୍ୟରେ ନିଜକୁ ମହାପରାକ୍ରମୀ, ବଳଶାଳୀ, ମହାଜ୍ଞାନୀ ମନେକରୁଥିବା ରାଜାଙ୍କର ଜୀବନ ଦୀପ ଲିଭିଯାଇଥିଲା । ସେ ଅର୍ଜନ କରିଥିବା ଅମାପ ସମ୍ପଳି, ପୁଳା ପୁଳା ଟଙ୍କା, ହୀରା, ନୀଳା, ମୋତି, ମାଣିକ ତାଙ୍କର ସନ୍ତାନ, ସନ୍ତତି ଭୋଗ କରିଥିଲେ କିନ୍ତୁ ସେ ନିଜେ ଉପଭୋଗ କରିପାରିଲେ ନାହିଁ । ତାଙ୍କର ଅଧୁରା ସ୍ୱପ୍ନ ସ୍ୱପ୍ନରେ ରହିଗଲା ।

*ଗୋପାଳପୁର,ବାଲେଶ୍ୱର, ମୋବାଇଲ-୭୦୨୦୬୧୧୩୦୦*

# ଶନିବାର ଅଶ୍ୱତ ବୃକ୍ଷ ପୂଜାର ମହତ୍ୱ

◆ ତ୍ରିନାଥ ଓଝା

ହିନ୍ଦୁଧର୍ମରେ ପ୍ରତ୍ୟେକ ସପ୍ତାହର ସାତ ଦିନ ବିଭିନ୍ନ ଦେବାଦେବୀଙ୍କୁ ସମର୍ପିତ । ସୋମବାର ମହାଦେବଙ୍କୁ ସମର୍ପିତ ହୋଇ ଥିବା ବେଳେ ଶନିବାର ଶନି ଦେବଙ୍କୁ ପୂଜାର୍ଚ୍ଚନା କରାଯାଏ । ତେବେ ଶନିବାର ଦିନ ଅଶ୍ୱତ ବୃକ୍ଷ ପୂଜା କରିବାର ଏକ ବିଶେଷ କାରଣ ରହିଛି । ପୌରାଣିକ କଥା ଅନୁସାରେ, ତ୍ରେତୟା ଯୁଗରେ ଥରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିଲା । କୌଶିକ ଋଷି ଓ ତାଙ୍କ ପତ୍ନୀ ଏଥିରେ ମୃତ୍ୟୁବରଣ କଲେ । ତାଙ୍କର ଏକ ପୁତ୍ର ଥିଲା, ଯାହାକୁ ସେ ଏକ ଅଶ୍ୱଥ ବୃକ୍ଷ ମୂଳରେ ଛାଡ଼ି ଦେଲେ । ଋଷିପୁତ୍ର ଭୋକରେ ଆଉଟୁପାଉଟୁ ହୋଇ ଅଶ୍ୱଥ ପତ୍ର ଖାଇ ଓ ନିକଟରେ ଥିବା ପୋଖରୀର ପାଣି ପିଇ ଜୀବିତ ରହିଲେ । ଦିନେ ନାରଦ ସେହି ବାଟ ଦେଇ ଯାଉଥିଲେ, ବାଳକଟିର ସାହାସ ନାରଦଙ୍କୁ ବହୁ



ପ୍ରଭାବିତ କଲା । ସେ ବାଳକ ନିକଟକୁ ଯାଇ ବିଷ୍ଣୁଙ୍କ ପୂଜା କରିବାକୁ ପରାମର୍ଶ ଦେଲେ ଓ ତା'ର ନାମ ପିପ୍ପଳାଦ ରଖିଲେ । ବିଷ୍ଣୁଙ୍କ ଆଶୀର୍ବାଦରୁ ପିପ୍ପଳାଦ ମହାନ ଋଷିରେ ପରିଗଣିତ ହେଲେ । ଦିନେ ମହର୍ଷି ପିପ୍ପଳାଦ ନାରଦଙ୍କୁ ନିଜ ବାଲ୍ୟକାଳର କଷ୍ଟର କାରଣ ପଚାରିଲେ । ନାରଦ ଶନି ଦଶା କାରଣରୁ ତାଙ୍କୁ କଷ୍ଟ ଭୋଗିବାକୁ ପଡ଼ିଛି ବୋଲି କହିଲେ । ଏହା ଶୁଣି ମହର୍ଷି ପିପ୍ପଳାଦ କ୍ରୋଧିତ ହୋଇଗଲେ । ସେ କ୍ରୋଧଭରା ନୟନରେ ଆକାଶ ଆଡ଼କୁ ମୁହଁ କରି ଶନିଙ୍କୁ ଦେଖିଲେ । ପିପ୍ପଳାଦଙ୍କ କ୍ରୋଧଭରା ନଜରର ପ୍ରଭାବରେ ଶନି ଆହତ ହୋଇ ଜମିରେ ପଡ଼ିଗଲେ । ଶନିଙ୍କ ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିଲା । ପିପ୍ପଳାଦ ତଥାପି ଶାନ୍ତ ହେଲେନି । ଆଉ କିଛି ଅଘଟଣ ନ ହେଉ ସେଥିପାଇଁ ବ୍ରହ୍ମା ସେଠାରେ ଆସି ପହଂଚିଲେ । ସେ କହିଥିଲେ ବିଧି ବିଧାନ ଅନୁସାରେ ଶନିଙ୍କୁ ନିଜ କାମ କରିବାକୁ ପଡ଼ିଥାଏ । ତାଙ୍କ ସହ ଯାହା ଘଟିଲା ସେଥିପାଇଁ ଶନିଙ୍କର କିଛି ଭୁଲ ନାହିଁ ବୋଲି ସେ କହି ଥିଲେ । ବ୍ରହ୍ମ ପିପ୍ପଳାଦଙ୍କୁ ଧ୍ୟାନ କରି ଯିଏ ବି ଶନିଦେବଙ୍କୁ ପୂଜା କରିବ ତାଙ୍କୁ ଶନି କଷ୍ଟରୁ ମୁକ୍ତି ମିଳିବ । ସେବେଠାରୁ ଶନିବାର ଦିନ ଶନି ଗ୍ରହଙ୍କୁ ଶାନ୍ତ କରିବାକୁ ଶନିଦେବଙ୍କ ସହ ଅଶ୍ୱତ ବୃକ୍ଷକୁ ପୂଜା କରିବା ବିଧାନ ରହିଛି ।


*ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ :୯୨୩୮୬୦୨୮୨୫*

# ଶରଣାଗତି ଯୋଗ

◆ ଯୁଧିଷ୍ଠିର ମହାରଣା

ପିଲାବେଳେ ଆମେମାନେ ଏକ ଗପ ଶୁଣିଥିଲୁ । ସେଥିରେ ଯେତିକି ମଜା କଥା ଅଛି ସେତିକି ନୈତିକତା ମଧ ଲୁଚି ରହିଛି । ଜଣେ ମହିଳା କୃଷ୍ଣଙ୍କର ଅତି ଭକ୍ତ । ସେ ସିଦ୍ଧାନ୍ତ କରି ନେଇଥାନ୍ତି ଯେ ସେ ଯାହା କରିବେ ସବୁ କୃଷ୍ଣଙ୍କୁ ଅର୍ପଣ କରି କରିବେ । ତାଙ୍କ ଭାବ ଏତେ ଦୃଢ଼ ଓ ନିର୍ମଳ ଯେ ସେ ଗୋବରରେ ଘସି ପାରୁ ପାରୁ ଯଦି କେହି ଦେବେ 'କୃଷ୍ଣାର୍ପଣମସ୍ତୁ' ମନ୍ଦିର ପୂଜକ ଠାକୁରଙ୍କୁ ଧୋଇ ଧୋଇ ହରାଇଣ ହୋଇଯାଆନ୍ତି । କିନ୍ତୁ କ'ଣ କରାଯିବ ? ପରିଶେଷରେ ସେ ଏ ସ୍ତ୍ରୀଲୋକ କଥା ଜାଣିବାକୁ ପାଇଲେ ଏବଂ ନିଶ୍ଚିତ ହୋଇ ଗଲେ ଯେ ଏ ସ୍ତ୍ରୀଲୋକଟି ବଂଚିଥିବା ପର୍ଯ୍ୟନ୍ତ ଠାକୁରଙ୍କ ଦେହରେ ଗୋବର ପଡ଼ିବାରୁ ଆଉ ରକ୍ଷା ନାହିଁ । ଦିନେ ସ୍ତ୍ରୀ ଲୋକଟି ଶକ୍ତ ବେମାର ପଡ଼ିଲେ ଓ ମୃତ୍ୟୁ ସମୟ ପାଖେଇ ଆସିଲା । ମହିଳା ଜଣକ ନିଜ ମୃତ୍ୟୁକୁ ମଧ କୃଷ୍ଣଙ୍କୁ ଅର୍ପଣ କରିଦେଲେ । ମୃତ୍ୟୁ ଦୂତ ସିଧା କୃଷ୍ଣଙ୍କ ମନ୍ଦିରକୁ ଯାଇ ମନ୍ଦିରକୁ ଭାଙ୍ଗି ଦେଲା । କୃଷ୍ଣ ନାମ ଧ୍ୟାନ ଆଗରେ ସ୍ୱର୍ଗର ମଧ କିଛି ବିଶେଷ ମୂଲ୍ୟ ନାହିଁ । ତୁମର ପ୍ରତ୍ୟେକ କର୍ମ ଭଲ ହେଉ ବା ମନ୍ଦ, ଈଶ୍ୱରଙ୍କୁ ସମର୍ପିତ ହୋଇ ହେଉ । ଏପରି ହେଲେ ଚମତ୍କାର ଫଳାଫଳ ମିଳିବ । ମାଟିଆ ବା ନାଲିଆ ରଙ୍ଗର ଧାନକୁ ଭାଜି ଦେଲେ ସୁନ୍ଦର ସଫେଦ ଖଇ ମିଳୁଛି । ଏ ପରିବର୍ତନ କେବଳ ଅଗ୍ନି ଯୋଗୁଁ ସମ୍ଭବ । ଗମହକୁ ଚୁରିଲେ ଆମେ ଶୁଭ୍ର କୋମଳ ଅଟା ପାଉ । ସେହିଭଳି ଛୋଟ ବଡ଼, ସମସ୍ତ କର୍ମ ଯଦି ଭକ୍ତିପୂର୍ଣ୍ଣ ଓ ଉତ୍ସର୍ଗୀକୃତ ଭାବେ କରାଯାଏ ତାହାହେଲେ ସେଗୁଡ଼ିକ ମଧ ଉଚ୍ଚମାନ ପ୍ରାପ୍ତ ହେବେ । ଭକ୍ତିଭାବ ଯୁକ୍ତ କର୍ମ ମୂଲ୍ୟବାନ ଓ ମହାନ ହୋଇଯାଏ । ସେ ଦୃଷ୍ଟିରୁ ଫୁଲଟିଏ, ବେଲପତ୍ର ବା ତୁଳସୀ ପତ୍ରଟିକୁ ସାଧାରଣ ଜିନିଷ ବୋଲି ଭାବ ନାହିଁ । ଯାହା କରାଯାଉ, ଯଦି ତାହା ଭାବ ବିଜଡ଼ିତ, ତେବେ ସେ ସବୁ ମହାନ । ଆମେ କେତେ ବେଶୀ ଦେଲୁ ତାହା ବଡ଼ କଥା ନୁହେଁ । କି ପ୍ରକାର ଭାବର ସହ ଦେଲ, ସେ ହେଉଛି ବଡ଼ । ଜିନିଷର ଗୁଣ, ମାନ, ପରିମାଣ, ଆକର ବା ମୂଲ୍ୟ ଆଦୌ ବଡ଼ କଥା ନୁହେଁ, ତାହା ଯେଉଁ ଭାବ ଓ ଭକ୍ତିର ସହ ଅର୍ପିତ ହେଲା, ତାହା ବିଚାର୍ଯ୍ୟ । ସେଥିରେ ନିହିତ ଥିବା ଆବେଗ ହିଁ ଗ୍ରହଣୀୟ । ଜୀବନରେ ଆମେ କେତେ ପରିମାଣର କର୍ମ ବା ବ୍ରତ ଆଚରଣ କଲେ ତାହା ଗଣାଯାଏ ନାହିଁ । ପ୍ରଭୁ ଚିନ୍ତାରେ ନିମଜ୍ଜିତ ହୋଇ, ପ୍ରଭୁ ଚରଣରେ ସମର୍ପିତ ଭାବ ବିଜଡ଼ିତ କୌଣସି ଗୋଟିଏ କାମ ମଧ ଆମକୁ ସର୍ବାଧିକ ଓ ସମ୍ପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ । ସଂକ୍ଷେପରେ କହିବାକୁ ଗଲେ ଆମେ ଯଦି ଆମର ସରଳ ଓ କ୍ଷୁଦ୍ର କର୍ମମାନ ଭଗବତ ପଦାର୍ପିତ ହୋଇ କରିବା ତାହାହେଲେ ମୋକ୍ଷ ପ୍ରାପ୍ତ ହେବା । ରାଜଯୋଗରେ କଥିତ ଅଛି - କର୍ମରୁ ବିମୁଖ ହୁଅନାହିଁ । ସେଗୁଡ଼ିକୁ ପ୍ରଭୁଙ୍କୁ ଅର୍ପଣ କରିଦିଅ । ସେଗୁଡ଼ିକ ହିଁ ପୁଷ୍ପାଞ୍ଜଳି । ସାଧନା ସହ ସେଗୁଡ଼ିକୁ ନେଇ ଯାଇ ପ୍ରଭୁ ପାଦପଦ୍ମରେ ଅଜାଡ଼ି ଦିଅ । ଏକ ପକ୍ଷରେ କର୍ମ ଅନ୍ୟ ପକ୍ଷରେ ଭକ୍ତି, ଉଭୟକୁ ସଂଯୋଗ କରି ଅଗ୍ରସର ହୁଅ, ଗୋଟିଏ ସୁନ୍ଦର ଜୀବନ ଗଠନ କର । ଧାନ ବୁଣିବା ଆଉ ଧାନ ଫୋପାଡ଼ିବା ଭିତରେ ଗୋଟିଏ ବଡ଼ ବ୍ୟବଧାନ ରହିଛି । ଯାହା ବୁଣିଛ ସେଥିରୁ ଯଥେଷ୍ଟ ପାଇବ ଯାହା ଫୋପାଡ଼ି ଦେଇଛ ସେ ନଷ୍ଟ ହୋଇଗଲା । ଭଗବାନଙ୍କୁ ଯାହା ସମର୍ପି ଦେଲ ତାହା ବୁଣିବା ସଙ୍ଗେ ସମାନ । ତାହାଦ୍ୱାରା ଅମାପ ଆନନ୍ଦ ଲାଭ କରିବ, ଜୀବନକୁ ପୁତ ପବିତ୍ର ଓ ସଫଳ କରିପାରିବ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ : ୯୪୩୭୧୬୩୫୨୮*





## ସ୍ମୃତିରେ ବ୍ରଜଭାଇନା.......

# ସମର୍ପିତ ପୁଜ୍ୟପୂଜା ପ୍ରାଣ ସ୍ୱର୍ଗତ ବ୍ରଜବନ୍ଧୁ ପରିଡ଼ା

◆ ଅରବିନ୍ଦ ତ୍ରିପାଠୀ



ଜଣେ ସମର୍ପିତ ପୁଜ୍ୟପୂଜା ପ୍ରାଣ, ବରିଷ୍ଠସାମାଜିକକର୍ମୀ, ଶହୀଦ ରଘୁ ଦିବାକାରସ୍ମୃତିସଂସଦର ସାଧାରଣସମ୍ପାଦକ, ସଂଗଠକ, ରଣଭୂଇଁ ଖବରକାଗଜର ସମ୍ପାଦକ ତଥା ଶହୀଦ ଦିବାକର ପରିଡ଼ାଙ୍କସୁଯୋଗ୍ୟ ଦାୟାଦ ସହିତସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସରଳ, ଅମାୟିକ, ନିଷ୍ପାପର, ମିଷ୍ଟଭାଷୀ, ସମୟାନୁବର୍ତିତା ସହସାରସ୍ୱତବ୍ୟକ୍ତିତ୍ୱର ଅଧିକାରୀ ଥିଲେମୋର ତଥା ଆମସମସ୍ତଙ୍କର ପ୍ରିୟଭାଇନା ବ୍ରଜଭାଇନା (ସ୍ୱର୍ଗତବ୍ରଜବନ୍ଧୁ ପରିଡ଼ା) ୧୯୫୩ ମସିହା ନୟାଗଡ଼ଜିଲ୍ଲାରଣପୁର ଥାନା ଅନ୍ତର୍ଗତ ଗଡ଼ବାଣୀକିଲୋଠାରେ ନଭେମ୍ବର ୧୯ ତାରିଖରେ ଭୂମିଷ୍ଠହୁଅନ୍ତି ।ଶହୀଦ ଦିବାକର ପରିଡ଼ାଙ୍କସୁଯୋଗ୍ୟ ଦାୟାଦ ଭାବେତାଙ୍କ ଧମନୀରେରକ୍ତସର୍ବଦା ଜଣେବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ, ମା, ମାଟିମନସ୍କଭାବେ ପ୍ରବାହିତହେଉଥିଲା ।ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାସହିତ ଆଜିର ଯୁବପୀଢ଼ିଙ୍କୁ ଅନେକସୁବାର୍ତା ନିଜକାର୍ଯ୍ୟଶୈଳୀମାଧ୍ୟମରେ ପ୍ରଦାନ କରି ଆସୁଥିଲେ । ଦୁଇବିପ୍ଳବୀ ତତ୍‌କାଳୀନ ଇଂରେଜସରକାର ଓ ଅତ୍ୟାଚାରୀ ରାଜାଙ୍କ କବଳରୁରଣପୁର ପ୍ରଜାଙ୍କୁରକ୍ଷାକରିବା ପାଇଁ ନିଜ ପ୍ରାଣ ଯେପରି ଦେଇଥିଲେ, ଠିକ୍‌ସେହିପରିମା, ମାଟି, ମାତୃଭାଷା, ପୁଜ୍ୟପୂଜା, ନୈତିକମୂଲ୍ୟବୋଧ, ସାମାଜିକ କାର୍ଯ୍ୟକ୍ରମ ପ୍ରମୁଖ ଦ୍ୱାରା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିପାରିବା ସହିତସମଗ୍ରଜୀବନକୁ ଉତ୍ସର୍ଗକରିଥିଲେ ।ଶହୀଦ ରଘୁ-ଦିବାକରଙ୍କ ଆବିର୍ଭାବ ଓ ତିରୋଧାନରେ ଶ୍ରଦ୍ଧାଳି କାର୍ଯ୍ୟକ୍ରମବହୁ ପୂର୍ବରୁ ଯାଇ ନିଜେସଫେଇକରିବାସହିତ ଆବଶ୍ୟକ ପ୍ରସ୍ତୁତିରସମସ୍ତ କାର୍ଯ୍ୟବୁଝୁଥିଲେ । ମୋତେକହିବେ ଅରବିନ୍ଦ ପ୍ରଦ୍ୟୁମ୍ନସାରଙ୍କୁକହିଛୁ! (ପ୍ରଦ୍ୟୁମ୍ନଶତପଥୀ, ବରିଷ୍ଠସାମ୍ବାଦିକ, ଅଧ୍ୟକ୍ଷ ପୁଜ୍ୟପୂଜାସଂସ୍କୃତିସୁରକ୍ଷା ଅଭିଯାନ) ବିଜୟଭାଇଙ୍କୁକହିଛୁ! (ବିଜୟକୁମାରତ୍ରିପାଠୀ, ବିଶିଷ୍ଟଗାନ୍ଧିବାଦୀ, ବରିଷ୍ଠ ପୁଜ୍ୟପୂଜା ପ୍ରାଣ, ସାରସ୍ୱତ ପ୍ରତିଭା) ପ୍ରଫେସରବାମନ ପରିଡ଼ା, ରମେଶଚନ୍ଦ୍ର ପାତାଳସିଂ, ମନୋରନ ମହାନ୍ତି, ଗିରିଜାମହାପାତ୍ର, ଶିକ୍ଷାବିତ କାମଦେବ ମହାପାତ୍ର ପ୍ରମୁଖଙ୍କ ନାମନେଇକହିବେ ।ଶହୀଦ ରଘୁ ଦିବାକରଙ୍କ ସମ୍ପର୍କରେଲେଖାମୋତେଖବରକାଗଜରେ ପ୍ରକାଶକରିବା ପାଇଁକହିବେ । ପୁଜ୍ୟପୂଜାରଖବର ଯେପରି ପ୍ରକାଶିତ ହେବମୋତେତାହାର ପ୍ରୟାସକରିବା ପାଇଁକହିବେ । ଯେହେତୁମୁଁ ଦାୟିତ୍ୱରେ ଅଛି । ଏହାସହିତ କାର୍ଯ୍ୟକ୍ରମକୁ ସମସ୍ତେ ଆସିବେବୋଲିକହିବା ପରେ ମନ ତାଙ୍କରବୁଝେ ।କିପରିଶହୀଦ ରଘୁ-ଦିବାକରଙ୍କ ଏକ ଭବ୍ୟ ପ୍ରତିମର୍ତି ପ୍ରତିଷ୍ଠା ହେଇପାରିବ ଏହାସହିତ ଅନ୍ୟ ମହାପୁରୁଷଙ୍କ ପ୍ରତିମର୍ତି ର ସୁରକ୍ଷା ପ୍ରସଙ୍ଗ ସେହିସମ୍ପର୍କରେ ବହୁ ପତ୍ରସରକାରଙ୍କୁ ଲେଖିବାସହ ଅନ୍ୟ ଅଧିକାରୀଙ୍କସହିତମିଶି ଆଲୋଚନା ପ୍ରାୟକରନ୍ତି । ଗୋଟିଏ ଲମ୍ବାମୁଣୀଝୋଲା ବେକରେ ପକାଇବା ସହିତସେଥିରେ ସରକାରଙ୍କୁ ଦେବା ପାଇଁକିଛି ପତ୍ର, ସଂଗଠନ ସମ୍ପର୍କୀୟ କିଛିଲେଖା ଖବରକାଗଜ ୨ଟି, କଲମ, ଛୋଟ ପାଣି ବୋତଲ ସର୍ବଦା ରଖିଥାନ୍ତି । ପାଇକବୀରମାନଙ୍କୁ ଆଣିସମୟ ସମୟରେ ପ୍ରତିମର୍ତି ପାଖରେ ରଣ କୌଶଳ, ବୀରତ୍ୱ ର ପରାକାଷ୍ଠା ପାଇକଗୁରୁକବିରାଜ ପ୍ରଧାନଙ୍କମାର୍ଫତରେ ଦେଖାନ୍ତି । ଆଜିର ପୀଢ଼ିକିପରି ଆମ ପୂର୍ବଗୌରବ, ସମ୍ମାନ, ବୀରତ୍ୱସମ୍ପର୍କରେ ଅବଗତହେବେତାହାର ପ୍ରୟାସକରିଥାନ୍ତି ।ଓଡ଼ିଶାରାଜ୍ୟ ବନ ସଂରକ୍ଷଣ ବିଭାଗରେ କିରାଣୀଭାବେକିଛିବର୍ଷକାର୍ଯ୍ୟକରି ଅବସର ନିଅନ୍ତି । ଅବସର ପରେ ସ୍ୱଳ୍ପ ମାତ୍ରାରେପେନସନ ପାଉଥିଲେ ମଧ୍ୟ କାହାଠାରୁକିଛି ଅର୍ଥ ସହାୟତାମାଗି ନାହାଁନ୍ତି । ଆର୍ଥିକ ଅଭାବସହିତ ନିଜ ପ୍ରକାଶନରେ ନ୍ତରଣଭୂଇଁନ୍ତ ନାମକ ଏକ ସାପ୍ତାହିକ ଖବରକାଗଜ ପ୍ରକାଶକରନ୍ତି ୧୯୯୫ ମସିହାରେ ।ମା, ମାଟି, ମାତୃଭାଷାସମ୍ପର୍କିତଲେଖାମାନ ସଂଗ୍ରହକରି ପ୍ରକାଶିତ କରିବା ସହିତଜଣେସ୍ୱାଭିମାନୀ, ସରଳ, ଅଂହକାର ବିବର୍ଜିତ ବ୍ୟକ୍ତିତ୍ୱଭାବେସବୁଠାରେସେ ଥିଲେ ସୁପରିଚିତ । ହାସ୍ୟ ବଦନରେସମସ୍ତଙ୍କୁ ସ୍ୱାଗତ କରୁଥିଲେ ।ସରକାର ଓ ବହୁସଂଗଠନ ଠାରୁ ସମ୍ମାନ ପାଇଥିଲେ ମଧ୍ୟ ଜଣେସରଳ, ଅମାୟିକବ୍ୟକ୍ତି ଭାବେ ବେଶଜଣାଶୁଣା ଥିଲେ ।ସର୍ବଦା ପୁଜ୍ୟପୂଜା, ମାନବବାଦ, ଯୌଥ ପରିବାରର ଉପକାରିତା, ପରସ୍ପରଉ□ମସମ୍ପର୍କ, ଉତମ ସମାଜର ପ୍ରତିଷ୍ଠାଉପରେଗୁରୁତ୍ୱ ଦେଇ ଆସୁଥିଲେ । ବ୍ୟକ୍ତିଗତ ଭାବେତାଙ୍କ ସହିତମୋର ୨୦୦୧ ମସିହା ପ୍ରାୟ ୨୫ ବର୍ଷର ଉର୍ଦ୍ଧସମ୍ପର୍କ ।ବ୍ରଜଭାଇନା ଆଜି ନାହାଁନ୍ତିଶୁଣିବା ଖବର ପାଇବା ପରେସତେ ଯେପରିମୋର ନିହାତି ପରିବାରର ଜଣେଚାଲିଗଲେ, ସେପରି ଅନୁଭବହେଲା! ଶେଷରେ ଆମସମସ୍ତଙ୍କ ଠାରୁ ସେ ଚଳିତମାସ ୧୩ ତାରିଖ ପ୍ରାତଃ ସମୟରେ ଅଶ୍ରୁଳବିଦାୟ ନେଲେ । ଶରୀରଚାଲିଯାଏ, ମାତ୍ରମନୁଷ୍ୟର ଉତମ କର୍ମଟୀର ସ୍ମରଣୀୟ ହୋଇଯାଏ । ବ୍ରଜଭାଇନାଙ୍କୁଭଗବାନ ଶାନ୍ତି ଓ ସଦଗତି ପ୍ରଦାନ କରନ୍ତୁ ।ତାଙ୍କ ଦୁଇସୁଯୋଗ୍ୟସନ୍ତାନ ସଂଗ୍ରାମ, ବିଶ୍ୱଜିତ ଓ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ପରିଡ଼ାଙ୍କ ଭଗବାନ ଶକ୍ତିସାମର୍ଥ୍ୟ ପ୍ରଦାନ କରନ୍ତୁ ।ଗଭୀରଶ୍ରଦ୍ଧାଳି ଅର୍ପଣକରୁଛି ।

*ମୁଖପାତ୍ର, ପୁଜ୍ୟପୂଜାସଂସ୍କୃତିସୁରକ୍ଷା ଅଭିଯାନ,*
*ଭୁବନେଶ୍ୱର, ଦୂରଭାଷ-୯୯୩୭୬୮୯୬୮୩*

## ଜଗନ୍ନାଥ ମନ୍ଦିର ପରିସରରେ ଉଦ୍‌ଘାଟିତ ହୋଇଛି ସହିଦ ସ୍ମୃତି ମନ୍ଦିର

ମାଲକାନଗିରି : (ହି.ସ.) ଜଗନ୍ନାଥ ମନ୍ଦିର ପରିସରରେ ପ୍ରଥମ ସହିଦ ସ୍ମୃତି ମନ୍ଦିର ନିର୍ମାଣ ଓ ଭିଡିଓ କନ୍ଫରେସିଂ ମାଧ୍ୟମରେ ଶୁଭ ଉଦଘାଟନ କରିଛନ୍ତି ପଦ୍ମଶ୍ରୀ ବାବା ବଳିଆ ।ଏପରି ଏକ ବିରଳ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଠାରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ।ମାଲକାନଗିରି ଜିଲ୍ଲା ସାଧାରଣ ବିଭାଗର ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ନେତୃତ୍ୱରେ ମାଥିଲି ଜଗନ୍ନାଥ ମନ୍ଦିର ପରିସରରେ କିଛି ମାସ ପୂର୍ବରୁ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଆଜି ଗତକାଲି ଉଦଘାଟନ କାର୍ଯ୍ୟ ସମାପନ ହୋଇଛି ।ସହିଦ ସ୍ମୃତି ମନ୍ଦିରର ଶୁଭ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମାଥିଲି ସଦର ସରପଂଚ କାନାମ ରାଜୁ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟ ପୁରୋଧା ଭାବରେ ସହିଦ ଲକ୍ଷ୍ମଣ ନାୟକଙ୍କ ଝିଅ କୌଶଲ୍ୟା ନାୟକଙ୍କ ପୁଅ ନାତି ମୁକୁନ୍ଦ ନାୟକ ଯୋଗ ଦେଇ ହୋମ ଯଜ୍ଞ ଓ ପୂର୍ଣ୍ଣାହୁତି ପରେ ପଦ୍ମଶ୍ରୀ ବାବା ବଳିଆ ଭିଡିଓ କନ୍ଫରେସିଂ ମାଧ୍ୟମରେ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ମନ୍ଦିର କୁ ଉଦଘାଟନ କରିଥିଲେ ।ଏବଂ ଏହି ସ୍ମୃତି ମନ୍ଦିର ମଧ୍ୟରେ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତି ରେ ପୁଷ୍ପମାଲ୍ୟ ଦିଆଯିବା ସହ ମନ୍ତ୍ର ପ । ୦ କରାଯାଇଥିଲା ।ସ୍ୱାଧୀନତା ସଂଗ୍ରାମରେ ବଳିଦାନ ହୋଇଥିବା ସଂଗ୍ରାମୀ ମାନଙ୍କର ପ୍ରତିମୂର୍ତି ମାନ କେଉଁଠି ପାର୍କ ତ କେଉଁଠି ରାସ୍ତାର ଚୌରାହ ଉପରେ ନିର୍ମାଣ କରାଯାଇଛି ।ଯେଉଁ ମହାନ ମହାପୁରୁଷ ମାନେ ଆମକୁ ସ୍ୱାଧୀନତା ଆଣି ଦେଇଛନ୍ତି ।ସେମାନେ ଆଜି ଅସୁରକ୍ଷିତ ଭାବେ ଖରା ବର୍ଷା ଶୀତ କାକରରେ ପଡି ରହୁଛନ୍ତି । କିନ୍ତୁ ଆଜି ଅବିଭକ୍ତ କୋରାପୁଟ ଜିଲ୍ଲାର ଗାନ୍ଧୀ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତି କୁ ମନ୍ଦିର ଭିତରେ ରଖା ଯାଇଛି । ବାକି ବର୍ଷ ଯାକ ଭୁଲି ଯାଉଛନ୍ତି ।କିନ୍ତୁ ଅବିଭକ୍ତ କୋରାପୁଟ ଜିଲ୍ଲାର ଗାନ୍ଧିର ପରିଚୟ ପାଇଥିବା ମହାନ ମହାପୁରୁଷ ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ମନ୍ଦିରରେ ଲୋକ ମାନେ ଦର୍ଶନ କରି ବର୍ଷକୁ ବାର ମାସ ଧରି ପ୍ରତ୍ୟକ ଦିନ ଲୋକଙ୍କ ହୃଦୟରେ ରହିବେ ବୋଲି ଏପରି ଏକ ନିଆରା ପ୍ରୟାସ ହୋଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମତ ପ୍ରକାଶ କରିଛନ୍ତି ।

## ୱାର୍ଲଡ ୱାରସିପ ଫାଉଣ୍ଡେସନ ଟ୍ରଷ୍ଟ ଉଦ୍‌ଘାଟିତ

ସମ୍ବଲପୁର : (ହି.ସ.)ନବଗଠିତ ୱାର୍ଲଡ ୱାରସିପ ଫାଉଣ୍ଡେସନ ଟ୍ରଷ୍ଟ ମହାସମାରୋହରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ହୋଟେଲ ହରଜିତ ରେସିଡେନ୍ସିରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ସଭାପତି ଦୃଢୋକ୍ତିର ସହ ପ୍ରକାଶ କରିଛନ୍ତି ସମାଜର ପ୍ରତ୍ୟେକ ସମସ୍ୟା ସମାଧାନ କରିବାରେ ସର୍ବଦା ଟ୍ରଷ୍ଟ ପ୍ରତିଶ୍ରୁତିବଦ୍ଧ । ପ୍ରାରମ୍ଭିକ ପୂଜାର୍ଚ୍ଚନା କରାଯିବା ପରେ ଉପସ୍ଥିତ ଅତିଥି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା କ୍ଷ ଆହୂତ ସାମ୍ବାଦିକ ସମ୍ମିଳନୀରେ ବହୁ ସଂଖ୍ୟକ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସହରର ବହୁ ବରିଷ୍ଠ ବୁଦ୍ଧିଜୀବୀ ମାନଙ୍କ ସମାବେଶରେ ଟ୍ରଷ୍ଟର ସାମାଜିକ କଲ୍ୟାଣ ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଉଦ୍ଦେଶ୍ୟ ଅବଗତ କରାଯାଇଥିଲା । ଏହି ଅବସରରେ ଟ୍ରଷ୍ଟର ଅଧ୍ୟକ୍ଷ ବ୍ରଜମୋହନ ଗୋଏଲ, ଉପଦେଷ୍ଟା ଭକ୍ତ ପ୍ରସାଦ ନନ୍ଦ, ସମ୍ପାଦକ ମଧୁ ସୂଦନ ଚଇନି ଓ କୋଷାଧ୍ୟକ୍ଷ ବିମଳା ଦେବୀ ଗୋଏଲ ପ୍ରମୁଖ ମଂଚାସୀନ ରହି ବିଭିନ୍ନ ସୂଚନା ଦେଇଥିଲେ । ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ, "ସମସ୍ତ ସୃଷ୍ଟି ଭଗବାନଙ୍କର ଅଂଶ" ଏହି ଚିନ୍ତାଧାରାକୁ ଆଧାର କରି, ଏହି ଫାଉଣ୍ଡେସନ୍ ଶାନ୍ତି, ସମୃଦ୍ଧି ଓ ସମଗ୍ର ମାନବ କଲ୍ୟାଣ ପାଇଁ ଦାର୍ଶନିକ ସାହିତ୍ୟ ଓ ସାମାଜିକ ସେବା କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟ କରିବାକୁ ସମର୍ପିତ କ୍ଷ ସଂସ୍ଥାର ଲକ୍ଷ୍ୟ ହେଉଛି ଗଛ ଲଗାଇବା ଓ ଆବଶ୍ୟକତା ଅନୁଯାଇ ହ୍ୟାଣ୍ଡପମ୍ପ ଭଳି ପାଣି ସୁବିଧା ଯୋଗାଇ ମାନବ ସେବା କରିବା କ୍ଷ ସଂସ୍ଥାର ଆଭିମୁଖ୍ୟ ବିଷୟରେ ବାର୍ତା ଦେଇ ଅଧ୍ୟକ୍ଷ ଶ୍ରୀ ଗୋଏଲ କହିଲେ ଯେ, ଏହି ଟ୍ରଷ୍ଟର ପ୍ରୟାସ ରହିବଯେ, ପରିବେଶ ପ୍ରଦୂଷଣ କମାଇ ସବୁଜ ପରିବେଶ ସୃଷ୍ଟି କରିବା ସହିତ ଉତମ ଅକ୍ସିଜେନ୍ ଗୁଣବତା ଓ ସୁସ୍ଥ ସମାଜ ଗଠନରେ ସହାୟକ ହେବ । ଉପଦେଷ୍ଟା ଶ୍ରୀ ନନ୍ଦ କହିଲେ ଯେ, ବିଶେଷ ଭାବରେ ଶିକ୍ଷା, ପରିବେଶ ସୁରକ୍ଷା ଓ ପାନୀୟ ଜଳର ସମସ୍ୟା ର ସମାଧାନ ଦିଗରେ ନିଷ୍ଠା ର ସହ ଏହି ଟ୍ରଷ୍ଟ କାର୍ଯ୍ୟକ୍ରମ ଜାରି ରଖିବ । ଟ୍ରଷ୍ଟର କୋଷାଧ୍ୟକ୍ଷ ବିମଳା ଦେବୀ ସୂଚନା ଦେଇ କହିଲେ ଯେ, ସମାଜ ରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସହ ଯୁବପିଢିଙ୍କୁ ସଂସ୍କାରିତ କରିବା ମଧ୍ୟ ଏହି ଟ୍ରଷ୍ଟ ର ବିଶେଷ ଆଭିମୁଖ୍ୟ । ଶେଷରେ ସମ୍ପାଦକ ଶ୍ରୀ ଚଇନି ଧନ୍ୟବାଦ ଅର୍ପଣ କରିବା ସହ ସମାଜ ର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଏହି ୱାର୍ଲଡ ୱାରସିପ ଫାଉଣ୍ଡେସନ ଟ୍ରଷ୍ଟ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ ।

# ବାରିପଦାରେ "ଗାଁ ଆମ୍ବ ପସରା-୨୦୨୬"

## ଚାଷୀଙ୍କୁ ସିଧାସଳଖ ବଜାର ସୁବିଧା, ଗ୍ରାହକଙ୍କୁ ସୁଲଭ ଦରରେ ଗୁଣାତ୍ମକ ଆମ୍ବ

ବାରିପଦା : ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଆମ୍ବର ପ୍ରଚାର ପ୍ରସାର ସହ ସ୍ଥାନୀୟ ଆମ୍ବ ଚାଷୀମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ଏବଂ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତମାନର ଆମ୍ବ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଓରମାସ୍, ମୟୂରଭଞ୍ଜ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବାରିପଦା ଠାରେ "ଗାଁ ଆମ୍ବ ପସରା-୨୦୨୬" କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା ଯୋଗଦେଇ ଫିତା କାଟି ଔପଚାରିକ ଭାବେ ଉଦଘାଟନ କରିଥିଲେ । ଉଦଘାଟନୀ ଅବସରରେ ସେ କହିଥିଲେ ଯେ, ଗ୍ରାମୀଣ ଚାଷୀମାନଙ୍କ ଉତ୍ପାଦକୁ ଉପଯୁକ୍ତ ବଜାର ସୁବିଧା ଯୋଗାଇବା ଦିଗରେ "ଗାଁ ଆମ୍ବ ପସରା" ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହା ଚାଷୀମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ସହ ସ୍ଥାନୀୟ ଫଳଚାଷକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ସେ ମତପ୍ରକାଶ କରିଥିଲେ । ଏହି ଆମ୍ବ ପସରାରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆଣାଯାଇଥିବା ସୁନ୍ଦରୀ, ଦଶେରୀ, ଲେଙ୍ଗଡା, ଗୋପାଳଭୋଗ, ରାଜଭୋଗ ଓ ବାଇଗଣପଲେଇ ଭଳି ବିଭିନ୍ନ ପ୍ରଜାତିର ଆମ୍ବ ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି । ପ୍ରଜାତି ଅନୁଯାୟୀ କିଲୋ ପିଛା ୫୫ ଟଙ୍କାରୁ ୮୫ ଟଙ୍କା ମଧ୍ୟରେ ମୂଲ୍ୟ ଧାର୍ଯ୍ୟ କରାଯାଇଥିବାରୁ ଗ୍ରାହକମାନେ ସୁଲଭ ଦରରେ ତାଜା ଓ ଗୁଣାତ୍ମକ ଆମ୍ବ କ୍ରୟ କରି ପାରୁଛନ୍ତି । ସ୍ୱାଦ, ସୁଗନ୍ଧ ଓ ଗୁଣବତା ପାଇଁ ପରିଚିତ ମୟୂରଭଞ୍ଜର ଆମ୍ବ ପ୍ରତି ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଆଗ୍ରହ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କହିଥିଲେ ଯେ, ଏଭଳି ଆୟୋଜନ ମାଧ୍ୟମରେ ଚାଷୀମାନେ ମଧ୍ୟସ୍ଥ ବ୍ୟବସାୟୀଙ୍କ ଉପରେ ନିର୍ଭରଶୀଳ ନହୋଇ ସିଧାସଳଖ ଭାବେ ଗ୍ରାହକଙ୍କ ନିକଟକୁ ନିଜ ଉତ୍ପାଦ ପହଂଚାଇ ପାରୁଛନ୍ତି । ଏହା ଫଳରେ ଚାଷୀ ମାନେ ଉଚିତ ମୂଲ୍ୟ ପାଉଥିବା ବେଳେ ଗ୍ରାହକମାନେ ମଧ୍ୟ ଉତମମାନର ଆମ୍ବ ସୁଲଭ ଦରରେ ପାଇ ପାରୁଛନ୍ତି । ମୟୂରଭଞ୍ଜ ଫଳ ଏବଂ ପନି ପରିବା କୃଷକ ଉତ୍ପାଦ କମ୍ପାନୀ ଲିମିଟେଡ଼ର ସହଯୋଗରେ ଏହି ଆମ୍ବ ପସରା ପରିଚାଳିତ ହେଉଥିବାବେଳେ ଏହା ଆଗାମୀ ଏକ ମାସ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବସରରେ ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶାନ୍ତନୁ କୁମାର ନାୟକ, ଓରମାସ୍ ଡେପୁଟି ସିଇଓ ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳଙ୍କ ସମେତ ଓରମାସ୍, ଉଦ୍ୟାନ ବିଭାଗ ଓ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ, ଆମ୍ବ ଚାଷୀ ଏବଂ ବହୁ ସଂଖ୍ୟକ ସାଧାରଣ ଲୋକ ଉପସ୍ଥିତ ଥିଲେ ।



## ଆରମ୍ଭ ହେଲା ଜନଜାତୀୟ ଗାରିମା ଉତ୍ସବ ଅବସରରେ ଜନ ଭାଗିଦାରୀ ଅଭିଯାନ

ବୌଦ୍ଧ: (ହି.ସ.)- ଜନଜାତୀୟ ଗାରିମା ଉତ୍ସବ ୨୦୨୬ ଅବସରରେ "ଜନ ଭାଗିଦାରୀ ଅଭିଯାନ - ସବୁଠାରୁ ଦୂର, ସବୁଠାରୁ ପ୍ରଥମେ" କାର୍ଯ୍ୟକ୍ରମ ବୌଦ୍ଧ ଜିଲ୍ଲାରେ ଆରମ୍ଭ ହୋଇଛି । ଜିଲ୍ଲାର ବୌଦ୍ଧ, ହରଭଙ୍ଗା ଓ କଂଟାମାଳ ବ୍ଲକରେ ଆଦିମ ଜନଜାତି, ଆଦିବାସୀ ବହୁଳ ଗ୍ରାମ ମାନଙ୍କରେ ଏହି ଅଭିଯାନ ୨୫ ମଇ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଆୟୋଜିତ ହେବ । ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତିକରଣ, ସେମାନଙ୍କ ଐତିହ୍ୟର ସୁରକ୍ଷା ଏବଂ ଅଧିକାର ସୁନିଶ୍ଚିତ କରିବା । ତୃଣମୂଳ ସ୍ତରରେ ଲୋକଙ୍କ ସକ୍ରିୟ ଭାଗିଦାରୀ ସହିତ ଏହାକୁ କାର୍ଯ୍ୟକାରୀ କରାଯାଉଛି । ଟିକରପଡା, ନୂଆପାଲି, ସିଲେଇମାଲ, ଦେଢ଼ାନମାଲ, ଗୋଛାଗୋରା, ମାଧପୁର ଓ ଲାଣ୍ଡିବନ୍ଧ ଗ୍ରାମରେ ମୋଟ ୮ଟି କ୍ୟାମ୍ପ ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଗ୍ରାମସଭା, ଜନଶୁଣାଣି ଓ ସଚେତନତା ଶିବିର ଆୟୋଜନ କରାଯିବ । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସୂଚନା ଦେଇ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା କହିଲେ ଯେ, ଏଥିରେ ଲୋକମାନଙ୍କ ସମସ୍ୟା ଶୁଣାଯାଇ ସମାଧାନ ପାଇଁ ପଦକ୍ଷେପ ନିଆଯିବ । ଜନଶୁଣାଣି ପାଇଁ ୭ଟି ଆଦି ସେବା କେନ୍ଦ୍ର ଓ ପଂଚାୟତ କାର୍ଯ୍ୟାଳୟ ଚିହ୍ନଟ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ସମନ୍ୱୟରେ କାମ କରୁଛନ୍ତି । ସମସ୍ତ ବିଭାଗ ଦ୍ୱାରା ସଚେତନତା ଶିବିର ଆୟୋଜନ କରି ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ଲୋକଙ୍କ ପାଖରେ ପହଂଚାଇ ଦିଆଯିବ । ଏହାସହ ଗ୍ରାମରେ ରହି ଜନଜାତି ସମୁଦାୟ ସହିତ ସମ୍ପର୍କ ସୃଷ୍ଟି କରି ସେମାନଙ୍କ ଆବଶ୍ୟକତା ବୁଝିବାକୁ ଗୁରୁତ୍ୱ ଦିଆଯାଉଛି । ଗଣମାଧ୍ୟମ ପ୍ରଚାର, ଡକୁମେଂଟେସନ ଓ ଫଟୋ/ଭିଡିଓ ଅପଲୋଡ୍ ମାଧ୍ୟମରେ ଅଭିଯାନକୁ ବ୍ୟାପକ କରାଯିବ ।ଜନଶୁଣାଣିରେ ମିଳୁଥିବା ଅଭିଯୋଗଗୁଡିକୁ ତୁରନ୍ତ ସମ୍ପୃକ୍ତ ବିଭାଗକୁ ପଠାଯାଇ ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ନିୟମିତ ନିରୀକ୍ଷଣ କରାଯାଉଛି । ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଅଭିଯାନକୁ ସଫଳ କରିବା ପାଇଁ ସମନ୍ୱୟ, ସକ୍ରିୟ ଭାଗିଦାରୀ ଓ ସମୟୋପଯୁକ୍ତ ଅଂଶଗ୍ରହଣ କରିବାକୁ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ଅନୁରୋଧ କରିଛନ୍ତି ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ବଲାଙ୍ଗିର : (ହି.ସ.) - ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ବେଲପଡା ପଂଚାୟତ ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ସାଧାରଣ ଲୋକମାନେ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସିଧାସଳଖ ଭାବରେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ । ଏଥିରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ ବିଭିନ୍ନ ଅଂଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ଶୁଣିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣାଣି କରି, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଶିବିରରେ ମୋଟ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିରୁ ୫୨ଟି ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ଅଭିଯୋଗ ଥିଲା । ତନ୍ମଧ୍ୟରୁ ୯ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା, ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ଶୀଘ୍ର ନିଷ୍ପତି ପାଇଁ ସମ୍ପର୍କିତ ବିଭାଗକୁ ପଠାଯାଇଛି । ଏହି ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ, ପୁଷ୍ପାଞ୍ଜଳି ମିଶ୍ର, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ନିବେଦିତା ସ୍ୱାଇଁ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶୋଭିନା ଭୋଇ, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ବେଲପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେଶ କୁମାର ମେହେର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସୁବର୍ଣ୍ଣପୁରରେ ଯଶୋଦା ଯୋଜନା ହିତାଧିକାରୀଙ୍କ ପରାମର୍ଶ ଶିବିର ଓ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ସୁବର୍ଣପୁର : (ହି.ସ.) ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଯଶୋଦା ଯୋଜନା ହିତାଧିକାରୀଙ୍କ ପରାମର୍ଶ ଶିବିର ଓ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଅଧ୍ୟକ୍ଷତା କରି କହିଥିଲେ ଯେ, କୌଣସି ଶିଶୁ କିମ୍ବା ଯୁବକ-ଯୁବତୀ ଯେପରି ଶିକ୍ଷା ର ଅଭାବ ଯୋଗୁଁ ଶୋଷଣ ର ଶିକାର ନ ହୁଅନ୍ତି, ସେଥିପାଇଁ ସମସ୍ତଙ୍କୁ ସଚେତନ ହେବା ସହିତ ସମାନଙ୍କୁ ଶିକ୍ଷିତ କରିବା ଓ ସ୍ୱାବଲମ୍ବୀ କରିବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲଭ ଷଡ଼ଙ୍ଗୀ , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ସୁବର୍ଣ୍ଣପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରୀତି ସୁନା, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ରଂଜିତା ସାହୁ ଉପସ୍ଥିତ ଥିଲେ ।

## ଅଗ୍ନିନିର୍ବାପନ ସଚେତନତା କାର୍ଯ୍ୟକ୍ରମ

ଜୟପୁର : (ହି.ସ.) -ଜୟପୁର ଠାରେ ଚାଲୁଥିବା ଏଟିସି କ୍ୟାମ୍ପରେ ଅଗ୍ନିନିର୍ବାପଣ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଥିଲା । ଏହି କାର୍ଯ୍ୟକ୍ରମକୁ ଏଏଫଓ ସୁରେଶ କୁମାର ବାରିକ ଓ ତାଙ୍କ ଦଳ ନେତୃତ୍ୱ ଦେଇ ଥିଲେ । କ୍ୟାମ୍ପରେ ଅଂଶଗ୍ରହଣ କରୁଥିବା କ୍ୟାଡେଟ ମାନଙ୍କୁ ଅଗ୍ନିକାଣ୍ଡ ସମୟରେ କିପରି ସତର୍କ ରହିବା ଓ ତୁରନ୍ତ ପଦକ୍ଷେପ ନେବା ଉଚିତ ସେଥିପାଇଁ ପ୍ରାୟୋଗିକ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା । ଏଏଫଓ ସୁରେଶ କୁମାର ବାରିକ ଅଗ୍ନିନିର୍ବାପଣ ଯନ୍ତ୍ରର ସଠିକ ବ୍ୟବହାର, ଗ୍ୟାସ ସିଲିଣ୍ଡର ଜନିତ ଅଗ୍ନିକାଣ୍ଡ ନିୟନ୍ତ୍ରଣ, ବିଦ୍ୟୁତ ଶର୍ଟସର୍କିଟ ଯୋଗୁଁ ଲାଗୁଥିବା ନିଆଁରୁ ସୁରକ୍ଷା ଓ ଆପତ୍କାଳୀନ ପରିସ୍ଥିତିରେ ଲୋକଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ବିଷୟରେ କ୍ୟାଡେଟମାନଙ୍କୁ ଅବଗତ କରାଇଥିଲେ । ତାଙ୍କ ଦଳ ପକ୍ଷରୁ ଡେମୋନଷ୍ଟ୍ରେସନ ମାଧ୍ୟମରେ ଅଗ୍ନିନିର୍ବାପଣର ବିଭିନ୍ନ ପ୍ରକ୍ରିୟା ଦେଖାଯାଇଥିଲା । କ୍ୟାଡେଟ ମାନେ ଉତ୍ସାହର ସହିତ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ ଓ ଏହା ମାଧ୍ୟମରେ ଆପତ୍କାଳୀନ ସମୟରେ ସାହସ ଓ ସଚେତନତା ସହ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇଥିଲେ । କ୍ୟାମ୍ପ କର୍ତୃପକ୍ଷ ଏଏଫଓ ସୁରେଶ କୁମାର ବାରିକ ଓ ତାଙ୍କ ଦଳଙ୍କୁ ଏପରି ଉପଯୋଗୀ ପ୍ରଶିକ୍ଷଣ ପାଇଁ କୃତଜ୍ଞତା ଜଣାଇଥିଲେ ।

# କଟକ ନଗର ଜିଲ୍ଲା କଂଗ୍ରେସ କମିଟି ବୈଠକରେ ସମନ୍ୱୟ କମିଟି ଗଠିତ



କଟକ(ନିପ୍ର): କଟକ ନଗର ଜିଲ୍ଲା କଂଗ୍ରେସ କମିଟି ର ଏକ ସାଂଗଠନିକ ବୈଠକ ଆଜି ପୂର୍ବାହ୍ନ ରେ ଓଏମପି ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ନଗର ଜିଲ୍ଲା କଂଗ୍ରେସ କମିଟି ର ସଭାପତି ଶାନ୍ତାୟନ ମିଶ୍ର ଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସ ସଂଗଠନ କୁ ଅଧିକ ସୁଦୃଢ କରିବା ପାଇଁ ବାରବାଟୀ -କଟକ, ଚୌଦ୍ୱାର -କଟକ ଓ କଟକ ସଦର ରେ ଥିବା ୱାର୍ଡ ଗୁଡ଼ିକୁ ନେଇ ତିନି ଗୋଟି ମଧ୍ୟବର୍ତୀ କାଳୀନ ସମନ୍ୱୟ କମିଟି ଗଠନ କରାଯାଇଛି । କମିଟି ରେ ସମସ୍ତ ୫୯ଟି ୱାର୍ଡର ବିଭିନ୍ନ ଦକ୍ଷ ସଂଗଠକ ମାନଙ୍କୁ ସ୍ଥାନିତ କରାଯାଇଥିବା ବେଳେ ସମସ୍ତ ନିର୍ବାଚିତ କଂଗ୍ରେସ କର୍ପୋରେଟର, କଟକ ନଗରରୁ ପ୍ରଦେଶ କଂଗ୍ରେସ କମିଟିରେ ସ୍ଥାନୀତ ହୋଇଥିବା କର୍ମକର୍ତା ଓ ସମସ୍ତ ପ୍ରକୋଷ୍ଠ ଓ ସାମୁଖ୍ୟ ର କର୍ମକର୍ତା ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବରେ ରହିଛନ୍ତି ।କଟକ ନଗର ଜିଲ୍ଲା କଂଗ୍ରେସ ର ସଭାପତି ସଂଗଠନ କୁ ଅଧିକ ସୁଦୃଢ ଓ କ୍ରିୟାଶୀଳ କରିବା ପାଇଁ ଗୁରୁତ୍ୱାରୋପ କରି ଏହି କମିଟି ମାନ ଗଠନ କରିଥିବା ଜଣା ଯାଇଛି । ଏହି କମିଟି କଂଗ୍ରେସ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜିତ କରିବାସହ ଦଳରେ ଯୋଗ୍ୟ ଯୁବ ପ୍ରତିଭା ମାନଙ୍କୁ ସାମିଲ କରିବା ଓ ୱାର୍ଡ ମାନଙ୍କୁ ଗସ୍ତ କରି ସେଠାରେ କମିଟି ଓ ବ୍ଲକ୍ କମିଟି ଗୁଡିକ ଗଠନ କରିବା ସଂପର୍କ ରେ ସର୍ବସମ୍ମତ ପ୍ରସ୍ତାବ ଗୁଡିକୁ ନଗର ସଭାପତିଙ୍କ ଆଲୋଚନା କ୍ରମେ ଗଠନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ନଗର ଜିଲ୍ଲା କଂଗ୍ରେସ ର ସଭାପତି ମତବ୍ୟକ୍ତ କରିଛନ୍ତି । ଆସନ୍ତା ଜୁନ୍ ମାସ ସୁଦ୍ଧା କଟକ ନଗର ଜିଲ୍ଲା କଂଗ୍ରେସ ର ନୂତନ କମିଟି ଗଠନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଆଜିର ବୈଠକରେ ବିଗତ ଏକ ମାସ ମଧ୍ୟରେ କଟକ ନଗରରେ ଅନୁଷ୍ଠିତ ହେଇଥିବା ମହିଳା ସଂରକ୍ଷଣ ମଶାଲ ରାଲି, ଢିଙ୍କିଆରୁ ଭୁବେଶ୍ୱର ପର୍ଯ୍ୟନ୍ତ ବିସ୍ଥାପିତଙ୍କ ପଦଯାତ୍ରା କଟକ ଦେଇ ଯିବା ଅବସରରେ ପିସିସି ସଭାପତିଙ୍କୁ ସମ୍ମାନିତ କରିବା ଓ ଭୁବେଶ୍ୱରରେ ଅନୁଷ୍ଠିତ ବିସ୍ଥାପିତଙ୍କ ବିକ୍ଷୋଭ ପ୍ରଦର୍ଶନ ଓ ମହିଳା ସଂରକ୍ଷଣ ରାଲିରେ କଟକ ନଗର କଂଗ୍ରେସ ତରଫ ରୁ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହଯୋଗ କରିଥିବା ବିଭିନ୍ନ କଂଗ୍ରେସ କର୍ମୀ ଓ ବରିଷ୍ଠ ନେତା ମାନଙ୍କୁ ସଭାପତି ଏହି କାର୍ଯ୍ୟକ୍ରମରେ ଉତରୀୟ ଦେଇ ସମ୍ମାନିତ କରିଥିଲେ । ଆଜିର ଏହି ବୈଠକ ରେ ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି,ସଦର କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମ ଚନ୍ଦ୍ର ଗୋଛାୟତ, ପିସିସି ସଭ୍ୟ ବିଶ୍ୱନାଥ ଶତପଥୀ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ,ପିସିସି ର ପ୍ରାକ୍ତନ ସାଧାରଣ ସମ୍ପାଦିକା ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ପିସିସି ପ୍ରାକ୍ତନ ସମ୍ପାଦକ ପ୍ରିୟଜିତ୍ ରାୟ,କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା,ନଗର କଂଗ୍ରେସ ପ୍ରାକ୍ତନ କୋଷାଧ୍ୟକ୍ଷ ଉତମ ବେହେରା, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ପ୍ରଧାନ ଓ ନିର୍ମଳ ସ୍ୱାଇଁ, ପିସିସି ଓବିସି ସେଲର ଉପାଧ୍ୟକ୍ଷ ଜଗନ୍ନାଥ ସାହୁ, ଯୁବନେତା ହରିଶଙ୍କର ରାଉତ୍ ଓ ସୁକାନ୍ତ ସାହାଣୀ, ପିସିସି ର ପ୍ରାକ୍ତନ ସମ୍ପାଦକ ବରଦା ସାହୁ ଓ ମାନସ ନାୟକ, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ରାଜେଶ୍ ସ୍ୱାଇଁ, ବ୍ଲକ୍ କଂଗ୍ରେସ ସଭାପତି ତଥା କଟକ ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ବେହେରା, ବରିଷ୍ଠ ନାରୀନେତ୍ରୀ ତୃପ୍ତି ଦାସ, ପ୍ରାକ୍ତନ କର୍ପୋରେଟର ହିମାଂଶୁ ରାଉତ୍ ଓ ପ୍ରଶାନ୍ତ ଭୋଇ,ବ୍ଲକ୍ ସଭାପତି ତଥା ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିପନ ପଶାୟତ,ବ୍ଲକ୍ ସଭାପତି ଜ୍ଞାନେସୁ ନାୟକ ଓ ଦିବ୍ୟରଞ୍ଜନ ପ୍ରଧାନ,ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ନିରଞ୍ଜନ ଦାସ, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ସମ୍ପାଦକ ଦିଲ୍ଲୀପ ଦଳାଇ,ନଗର ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଶେଖ୍ ଜାଫର, ସଦର ଯୁବ କଂଗ୍ରେସ ର ପ୍ରାକ୍ତନ ସଭାପତି ରାଜ ଶିଖନ ସ୍ୱାଇଁ, ୱାର୍ଡ ସଭାପତି ଉମାକାନ୍ତ ସାହୁ, ପ୍ରଦୀପ ସାହୁ, ସୌମେନ୍ଦ୍ର ମହାନ୍ତି, ରଜନୀ ବସ୍ତିଆ,ସନ୍ତୋଷ ବିଶ୍ୱାଳ, ଯୁବନେତା ଲିପୁଲ ରାଉତ, ଦୀପକ ସାହୁ,ଅଜୟ ଦାସ, ଆଲୋକ ମହାନ୍ତି,କାଳନ୍ଦୀ ବେଉରା, ସହଦେବ ବେହେରା, ଯୁବ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ,ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଯୁବନେତା ସୁକାନ୍ତ ସାହାଣୀ ଧନ୍ୟବାଦ୍ ଦେଇଥିଲେ ।

# +୨ ବିଜ୍ଞାନ ପରୀକ୍ଷାରେ କୃତୀ ଛାତ୍ରୀ ରିତୁପର୍ଣ୍ଣାଙ୍କୁ ସମ୍ବର୍ଦ୍ଧନା

ଧାମନଗର(ନିପ୍ର): ଚଳିତ ବର୍ଷର +୨ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହି ପରୀକ୍ଷାରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ତଥା ଧାମନଗର ଏନଏସି ଅନ୍ତର୍ଗତ ୧୦ ନଂ ୱାର୍ଡର ତପନ କୁମାର ରାଉତ ଓ ମମତା ରାଉତଙ୍କ କନ୍ୟା ରିତୁପୂର୍ଣ୍ଣା ରାଉତ ମୋଟ ୬୦୦ ନମ୍ବରରୁ ୫୬୪ ରଖି ଭଦ୍ରକ ଜିଲ୍ଲା ତଥା ବିଜ୍ଞପିତ ଅଂଚଳ ପରିଷଦ ପାଇଁ ଗୌରବ ଆଣିଛନ୍ତି । ରିତୁପର୍ଣ୍ଣଙ୍କ ଏହି ସଫଳତା ପାଇଁ ପରିବାର, ବନ୍ଧୁବର୍ଗ ଓ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳି ଯାଇଛି । +୨ ବିଜ୍ଞାନ ପରୀକ୍ଷାରେ ଶତକଡ଼ା ୯୪ ନମ୍ବର ରଖି ଥିବା ଏହି ମେଧା ଛାତ୍ରୀଙ୍କ ବାସଭବନରେ ପହଂଚି ଧାମନଗର ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ, ପ୍ରେସ କ୍ଲବର ସାଧାରଣ ସମ୍ପାଦକ ସରୋଜ କୁମାର ସେଠୀ ଉତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ମଙ୍ଗଳମୟ ଉତର ଜୀବନ କାମନା କରିଥିଲେ । ଏହି ମେଧା ସମ୍ମାନ କାର୍ଯ୍ୟକ୍ରମରେ ଏନଏସି ୧୦ ନଂ ୱାର୍ଡର ବରିଷ୍ଠ ବିଜେପି ଯୁବ ନେତା ସୁଶାନ୍ତ ରାଉତ ଉପସ୍ଥିତ ଥିଲେ । କୃଷି ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ନିଜ ଭବିଷ୍ୟତ ଶିକ୍ଷା ସମ୍ପର୍କରେ କୁହନ୍ତି ବିଜ୍ଞାନ ଟପ୍ପର ରିତୁପର୍ଣ୍ଣା ।

# ଅଘୋଷିତ ବିଦ୍ୟୁତ୍ କାଟ, ବଢୁଛି ଅସନ୍ତୋଷ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଉପଖଣ୍ଡରେ ଗତ ୨ଦିନ ଧରି ଅଘୋଷିତ ବିଦ୍ୟୁତ କାଟ ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି । ଏଭଳି ବିଭ୍ରାଟ ଜାରି ରହିଲେ ଉପଭୋକ୍ତା ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଖଇରା ଅ□ଳରେ ତାପମାତ୍ରା ପାଖାପାଖି ୪୩ ଡିଗ୍ରୀ ରହୁଥିବା ବେଳେ ଅସହ୍ୟ ଗୁଳୁଗୁଳି ସାଧାରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି । ଏଭଳି ପରିସ୍ଥିତିରେ ଘନ ଘନ ବିଦ୍ୟୁତ କାଟ ବୋଝ ଉପରେ ନଳିତା ବିଡା ସଦୃଶ ଯନ୍ତ୍ରଣା ଦେଉଛି । ଅଭିଯୋଗ ପରେ ମଧ୍ୟ ଅଧିକାରୀ ମାନେ ଗୁରୁତ୍ୱ ଦେଉନଥିବା ନେଇ ଖଇରା ଉପଖଣ୍ଡର ୪ ସମେତ ଔପଦା ଫିଡରର ଉପଭୋକ୍ତା ମାନେ ଅଭିଯୋଗ କରାଯାଉଛି । ଉଚ୍ଚ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଧାମନଗର-ଚୁଡ଼ାକୁଟି ରାସ୍ତା ରାପିତା ଠାରୁ ମଦ ଦୋକାନ ହଟାଇବାକୁ ଦାବି

ଧାମନଗର(ନିପ୍ର): ଧାମନଗର-ଚୁଡ଼ାକୁଟି ମୁଖ୍ୟ ରାସ୍ତାର ରାପିତା ଠାରେ ଥିବା ସରକାରୀ ବାର୍ ଓ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଅଂଚଳରେ ଜନଅସନ୍ତୋଷ ତେଜିବାରେ ଲାଗିଛି । ଜନବସତି, ମନ୍ଦିର ଏବଂ ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତା କଡ଼ରେ ଥିବା ଏହି ମଦ ଦୋକାନ ଯୋଗୁଁ ପ୍ରତିଦିନ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ତୁରନ୍ତ ଉଠାଇବା ପାଇଁ ବିଭିନ୍ନ ମହଲରୁ ଜୋରଦାର ଦାବି ହେଉଛି । ସୂଚନାଯୋଗ୍ୟ ଯେ, ପ୍ରାୟ ତିନି ବର୍ଷ ପୂର୍ବେ ଯେତେବେଳେ ଏହି ମଦ ଦୋକାନ ଓ ବାର୍ ଏଠାରେ ଖୋଲା ଯାଇଥିଲା, ସେତେ ବେଳେ ସ୍ଥାନୀୟ ଜନସାଧାରଣ ଓ ମହିଳାମାନଙ୍କ ପକ୍ଷରୁ ଏହାକୁ ପ୍ରବଳ ବିରୋଧ କରାଯାଇଥିଲା । ମାତ୍ର ସେହି ସମୟରେ ଅବକାରୀ ଏବଂ ବିଭାଗୀୟ ଅଧିକାରୀମାନେ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି କହିଥିଲେ ଯେ, ପରବର୍ତୀ ସମୟରେ ଲାଇସେନ୍ସ ନବୀକରଣ ବେଳେ ଏହି ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବ । କିନ୍ତୁ ବର୍ତମାନ ପୁଣି ଥରେ ସରକାରୀ ସ୍ତରରେ ନବୀକରଣ ପ୍ରକ୍ରିୟା ଚାଲିଥିଲେ ହେଁ, ଦୋକାନ ହଟାଇବା ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପ୍ରଶାସନର ଏଭଳି ଆଭିମୁଖ୍ୟ ପୁରୁଣା ପ୍ରତିଶ୍ରୁତିକୁ ପାଣିର ଗାର ସଦୃଶ ପ୍ରମାଣିତ କରିଛି । ‘ରାପିତା’ରାସ୍ତା କଡ଼ରେ ମଦ ଦୋକାନ ଥିବାରୁ ଅଧିକାଂଶ ସମୟରେ ଚାଳକମାନେ ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବେ ଗାଡ଼ି ଚଳାଉଛନ୍ତି । ଫଳରେ ଏହି ସ୍ଥାନରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟି ସାରିଲାଣି । ଏପରିକି ବିଗତ ଦିନରେ ଗାଡ଼ି ଧକ୍କାରେ କେତେକ ନିରୀହ ଯୁବକ ଅକାଳରେ ମୃତ୍ୟୁବରଣ କରିଥିବା ଭଳି ଦୁଃଖଦ ଘଟଣା ମଧ ଘଟିଛି । ଏହା ସତ୍ତ୍ୱେ ପ୍ରଶାସନ କାହିଁକି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି, ତାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି । ପାଖରେ ମନ୍ଦିର ଏବଂ ଜନବସତି ଥିବାରୁ ମହିଳା, ସ୍କୁଲ କଲେଜ ଛାତ୍ରଛାତ୍ରୀ ଏବଂ ଶ୍ରଦ୍ଧାଳୁମାନେ ଏହି ବାଟ ଦେଇ ଯାତାୟାତ କରିବା ସମୟରେ ସଂକୋଚ ଓ ଅସୁରକ୍ଷିତ ମଣୁଛନ୍ତି । ଯଦି ଚଳିତ ନବୀକରଣ ସମୟରେ ଏହି ମଦ ଦୋକାନକୁ ଜନବସତି ଠାରୁ ଦୂରକୁ ସ୍ଥାନାନ୍ତର କରାନ ଯାଏ, ତେବେ ଆଗାମୀ ଦିନରେ ଅଂଚଳବାସୀ ବାଧ୍ୟ ହୋଇ ବ୍ୟାପକ ଆନ୍ଦୋଳନର ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରକାଶ ଥାଉକି ଏହି ମଦ ଦୋକାନକୁ ଲାଗି ଆଉ ଗୋଟେ ମଦ ଦୋକାନଘର ମଧ ନିର୍ମାଣ ହେଉଛି । ତେବେ ଉକ୍ତ ରାସ୍ତାରେ ବିଭିନ୍ନ ସମୟରେ ଅଘଟଣ ଘଟୁଥିବା ବେଳେ ସେଠାରେ ଏହି ମଦ ଦୋକାନ ହେଲେ ଅନେକ ଲୋକ ବିପଦରେ ପଡ଼ିବେ ବୋଲି ସ୍ଥାନୀୟ ଲୋକ ମାନେ ଅଭିଯୋଗ କରିଛନ୍ତି ।

# ଓଡ଼ଗାଁ ବ୍ଲକ ପ୍ରେସ ସାମ୍ବାଦିକ ମାନଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ



ନୟାଗଡ଼(ନିପ୍ର): ରୋଇବାଙ୍କ ଠାରେ ଅବସ୍ଥିତ ବନବିଭାଗ ନର୍ସରୀ ଠାରେ ଓଡ଼ଗାଁ ବ୍ଲକ ପ୍ରେସ ମିଡ଼ିଆ ସମସ୍ତ ସାମ୍ବାଦିକ ମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ରାମକୃଷ୍ଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଓଡ଼ଗାଁ ରେଞ୍ଜର ଅଭିମନ୍ୟୁ ମଲ୍ଲିକ ଓ ବନପାଳ ସରିତା ବରାଳ ଯୋଗଦାନ କରିଥିବା ବେଳେ ସମସ୍ତ ସାମ୍ବାଦିକ ଭାଇମାନେ ଉପସ୍ଥିତ ଥିଲେ । ସଂଘର ସମ୍ପାଦକ ଗଣେଶ୍ୱର ସାହୁଙ୍କ ପ୍ରସ୍ତାବ ଅନୁଯାୟୀ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହିତ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ନୂତନ ଭାବେ ଓଡ଼ଗାଁ ବ୍ଲକ ସମାଜର ପ୍ରତିନିଧି ମୋତିମାଳା ପାଣିଗ୍ରାହୀ, ହ୍ୟୁମତ୍ ପତ୍ରିକାର ପ୍ରତିନିଧି ସାରଦା ପ୍ରସନ୍ନ ଦାସ ଓ ନନ୍ଦିଘୋର ପ୍ରଗତିବାଦୀର ପ୍ରତିନିଧି ତାପସ ରଞ୍ଜନ ପାଢ଼ୀ ନୂତନ ଭାବେ ଯୋଗଦାନ କରିଥିବାରୁ ସଂଘ ତରଫରୁ ସେମାନଙ୍କୁ ଉତରୀୟ ଓ ଗୋଲାପ ଫୁଲ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ନିକଟ ଭବିଷ୍ୟତରେ ଗ୍ରୀଷ୍ମ ପ୍ରବାହ କମିବା ପରେ ପରିଭ୍ରମଣରେ ଯିବା ପାଇଁ ପ୍ରଶାନ୍ତ କୁମାର ଜେନାଙ୍କ ପ୍ରସ୍ତାବ କୁ ସର୍ବ ସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । ପରିଶେଷରେ ସମସ୍ତ ସାମ୍ବାଦିକ ଭାଇ ଭଉଣୀ ମାନେ ମିଶି ପ୍ରିତିଭୋଜନରେ ଆପ୍ୟାୟିତ ହେବା ସହିତ ସମ୍ପୂର୍ଣ୍ଣ ଭାବେ ଆନନ୍ଦ ଉଲ୍ଲାସର ସହିତ ପରସ୍ପର ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରିବା ନିମନ୍ତେ ଶପଥ ଗ୍ରହଣ କରିଥିଲେ ।

# ଟ୍ରକ ସ୍କୁଟି ମଧ୍ୟରେ ଧକ୍କା, ଅଳ୍ପକେ ବର୍ତିଲେ ମା’ ପୁଅ

ବେତନଟୀ(ନିପ୍ର): ବେତନଟୀ ୧୮ନମ୍ବର ଜାତୀୟ ରାଜପଥ ଆଗ୍ରିଆ ଛକ ନିକଟରେ ଏକ ଆଳୁ ବୋଝେଇ ଟ୍ରକ ସହ ଏକ ସ୍କୁଟିର ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ମା ପୁଅ ଙ୍କୁ ଗଭୀର ଆଘାତ ଲାଗିବା ସହ ମୃତ୍ୟୁ ମୁଖରୁ ବର୍ତୀ ଯାଇଥିଲେ । ସୂଚନା ଅନୁସାରେ ବୈଶିଙ୍ଗା ଥାନା ଆଗ୍ରିଆ ଛକ ନିକଟରେ ଡବ୍ଲୁବି ୩୩ ବି ୧୧୦୦ ନମ୍ବର ବିଶିଷ୍ଟ ଏକ ଆଳୁ ବୋଝେଇ ଟ୍ରକ ଟିରୁ ଆଳୁ ଅନଲୋଡ଼ ପାଇଁ ଦିବ୍ୟ ଜ୍ୟୋତି ସ୍କୁଲ ସମ୍ମୁଖରେ ପୁରୁଣା ଜାତୀୟ ରାଜପଥ ରାସ୍ତା କୁ ବାମ ପଟ କୁ ହଠାତ କାଟିବା ଫଳରେ ପଛ ପଟୁ ଆସୁଥିବା ଏକ ସ୍କୁଟିରେ ମା ଓ ପୁଅ ଭାରସାମ୍ୟ ହରାଇ ଟ୍ରକ ତଳକୁ ପଶି ଯାଇଥିଲେ । ଘଟଣା ସ୍ଥଳରେ ମା ପୁଅ ପଡିଯିବାରୁ ତାଙ୍କୁ ଗଭୀର ଆଘାତ ଲାଗିଥିଲା, ସ୍ଥାନୀୟ ଲୋକେ ତାଙ୍କୁ ବେତନଟୀ ଡାକ୍ତରଖାନା ପଠାଇ ଦେଇଥିଲେ । ଡାକ୍ତରଖାନାରେ ତାଙ୍କର ପ୍ରାଥମିକ ଚିକିତ୍ସା ଚାଲିଥିବା ବେଳେ ବୈଶିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଂଚି ଟ୍ରକକୁ ଜବତ କରି ତଦନ୍ତ ଜାରି ରଖିଛି । ତେବେ ଟ୍ରକ ଡ୍ରାଇଭରର ଅସାବଧାନତା ପାଇଁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଅଂଚଳରୁ ସୂଚନା ମିଳିଛି ।

# ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁକୁ ୩ବର୍ଷ ବିତିଲା : ମିଳିପାରୁନି ସହାୟତା

ସୋର(ନିପ୍ର): ଗତ୨୦୨୩ ମସିହାରେ ଜଣେ ଯୁବକଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାଙ୍କୁ ସରାକାରୀ ସହାୟତା ରାଶି ମିଳିନଥିବାରୁ ମୃତ ଯୁବକଙ୍କ ବୃଦ୍ଧ ବାପାମାଆ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ଦୁଃଖ ବଖାଣିଛନ୍ତି । ସୋର ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ମୃତ ଯୁବକଙ୍କ ମାଆ ରୂପଲତା ଜେନାଙ୍କ ଅଭିଯୋଗ ମୂଳେ ତାଙ୍କ ପୁଅ ଦାମୋଦର ଜେନା ଜଣେ ଦିବ୍ୟାଙ୍ଗ । ଗତ ୨୦୨୩ ମସିହା ଜୁଲାଇ ମାସରେ ଘର ନିକଟରେ ଥିବା ଏକ ପୋଖରୀରେ ବୁଡି ଦାମୋଦରଙ୍କ ମୃତ୍ୟୁ ହୋଇଥିଲା । ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ସରକାରଙ୍କ ତରଫରୁ ପାଣିରେ ବୁଡି ମୃତ୍ୟୁ ବରଣ କଲେ ମିଳୁଥିବା ଅନୁକମ୍ପା ରାଶି ୪ଲକ୍ଷ ଟଙ୍କା ପାଇବାକୁ ତାଙ୍କ ପରିବାର ଲୋକେ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ ଏଯାବତ ତାଙ୍କୁ କୌଣସି ଅନୁକମ୍ପା ରାଶି ମିଳିପାରିନାହିଁ । ଶେଷରେ ତାଙ୍କ ଦୁଃଖକୁ ସରକାରଙ୍କ ନିକଟରେ ପହଁଚାଇବା ସହିତ ତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ରୂପଲତା ଜେନା ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜଣାଇଛନ୍ତି । ଏହି ମସୟରେ ବାପା ଗଜେନ୍ଦ୍ର ଜେନା ଉପସ୍ଥିତ ଥିଲେ । ଯଦି ସରକାର ତାଙ୍କ ଦୁଃଖ ନଶୁଣନ୍ତି ତେବେ ଆଗାମୀ ଦିନରେ ସେ ସୋର ତହସିଲ ପରିସରରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି ।

# ଦିନ ଦ୍ୱିପ୍ରହରରେ କଳା କନା ବୁଲାଇଲେ ଦୁର୍ବୃତ

ଧାମନଗର(ନିପ୍ର): ଧାମନଗର ଅଂଚଳରେ ଏବେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ । ଦିନକୁ ଦିନ ଚୋରି, ଲୁଟପାଟ୍ ବୃଦ୍ଧି ପାଉଥିବାବେଳେ ପୋଲିସ ପ୍ରଶାସନ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ୧୮ ତାରିଖ ରାତିରେ ଝାଟିଆସାହି ରାସ୍ତା ରେ ରାତି ୧୦ ଟା ବେଳେ ୫ ଜଣ ବାଇକି ରେ ଆସି ଜଣେ ସୁନା ଦୋକାନୀ କୁ ଅଟକାଇ ମାଡ଼ ମାରି ୫ ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇ ଥିଲେ । ପୋଲିସ କିନ୍ତୁ ସେମାନଙ୍କୁ ଠାବ କରିପାରିନଥିବା ବେଳେ ପୁଣି ୧୯ ତାରିଖ ପୂର୍ବାହ୍ନ ପ୍ରାୟ ୧୦ ଟା ସମୟରେ ଧାମନଗର ବ୍ଲକ ଛକ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ କଲୋନୀରୁ ଦିନ ଦ୍ୱିପ୍ରହରରେ ଘରେ କେହି ନଥିବାବେଳେ ଚୋର ମାନେ କବାଟ ତାଲା କାଟି ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟିନେବା ଘଟଣା ଏବେ ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି ଯେ, ସବୁଠାରୁ ଜନଗହଳିପୂର୍ଣ୍ଣ ରାସ୍ତା କଡ଼ରେ ଚୋରମାନେ ଏଭଳି କାଣ୍ଡ ଭିଆଇବାକୁ ସାହସ ପାଉଛନ୍ତି କେମିତି ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା ଓ ସୁରକ୍ଷା ଦାୟିତ୍ୱ ସୀମିତ ରହୁଛି ବୋଲି ସାଧାରଣରେ ଆଲୋଚନା ହେଉଛି । ସୁଚନା ଥାଉକି ଧାମନଗର ବ୍ଲକ କଲୋନୀ ର ରହୁ ଥିବା ଶିକ୍ଷକ ନିରାକାର ରାଉତଙ୍କ ପରିବାର ୧୯ ତାରିଖ ପୂର୍ବାହ୍ନ ପ୍ରାୟ ୯ ଟା ୪୫ ମିନିଟ ରେ ଘର ଗେଟ ରେ ତାଲା ପକାଇ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭଗବାନପୁର ଯାଇଥିଲେ । ଏହି ସୁଯୋଗ ରେ ଦିନ ପ୍ରାୟ ୧୦ ଟା ରୁ ୧୧ ଟା ସମୟ ମଧ୍ୟରେ ପୂର୍ବରୁ ସୁଯୋଗ ଅପେକ୍ଷାରେ ଥିବା ଦୁର୍ବୃତମାନେ ମୁଖ୍ୟ ରାସ୍ତା କଡ଼ରେ ଥିବା ଏହି ଘରର ଗେଟ ତାଲା କାଟି ଭିତରକୁ ପଶିଥିଲେ । କବାଟ ତାଲା ଭାଙ୍ଗି ନିରାକାରଙ୍କ ଘରୁ ୨ ଟି ସୁନା ଚେନ ଓ ନଗଦ ୫ ହଜାର ଟଙ୍କା ଲୁଟି ନେଇଥିଲେ । ଚୋରଙ୍କ ଦୁଃସାହସ ଏତିକିରେ ସରି ନଥିଲା ସେହି ଘରେ ଭଡ଼ା ରହୁଥିବା ଧାମନଗର ଅଗ୍ନିଶମ ବାହିନୀର କର୍ମଚାରୀ ଶ୍ୟାମସୁନ୍ଦର ସେଠୀଙ୍କ ଘର ତାଲା ମଧ କାଟି ଦୁଇଟି ସୁନା ମୁଦି, ଦୁଇ ହଳ ରୁପା ପାଉଁଜି ଏବଂ ନଗଦ ୧୦ ହଜାର ଟଙ୍କା ଚୋରି କରିନେଇଥିଲେ । ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ସେହି ଘରେ ଭଡ଼ା ରହୁଥିବା ସ୍ଥାନୀୟ ଶିଶୁମନ୍ଦିରର ଜଣେ ଗୁରୁମା ଘରକୁ ଫେରିବା ପରେ ଏହି ଚୋରି ସମ୍ପର୍କରେ ଜଣାପଡ଼ିଥିଲା । ଘଟଣା ସମ୍ପର୍କରେ ନିରାକାର ରାଉତ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତତ୍ପରତା ପ୍ରକାଶ କରି ସାଇଂଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିଛି । ମାତ୍ର ପ୍ରଶ୍ନ ଉଠୁଛି, ଅପରାଧ ଘଟିବା ପରେ କେବଳ ଡଗ୍ ସ୍କ୍ୱାଡ୍ ବୁଲାଇ କାର୍ଯ୍ୟାନୁଷ୍ଠାନର ପ୍ରହସନ ଦେଖାଇଲେ ଅଂଚଳବାସୀଙ୍କ ମନରୁ ଭୟ ଦୂର ହେବ କି ? ଧାମନଗର ପୋଲିସର ଦୁର୍ବଳ ପାଟ୍ରୋଲିଂ ଏବଂ ଖାମଖିଆଲି ମନୋଭାବ ଯୋଗୁଁ ଆଜି ଅପରାଧୀଙ୍କ ସାହସ ଏତେ ବଢ଼ି ଯାଇଛି ଯେ ସେମାନେ ଦିବାଲୋକରେ ମୁଖ୍ୟ ରାସ୍ତା କଡ଼ରୁ ଲୁଟ୍ କରିବାକୁ ସାହସ କରୁଛନ୍ତି । ତେବେ ଦୁଇଦିନ ଦୁଇଟି ବଡ ଚୋରୀ ହୋଇଥିବା ବେଳେ ଚୋର ମାନଙ୍କ ଟେର ଏଯାଏ ପାଇପାରୁନି । ତେବେ ବିଭିନ୍ନ ସ୍ଥାନ ରେ ସି ସି କ୍ୟାମେରା କୁ ଦେଖା ଯାଉଛି ଅଭିଯୁକ୍ତ ଙ୍କୁ ଠାବ କରାଯିବା କୁ ଉଦ୍ୟମ ଚାଲିଛି ବୋଲି ଥାନା ଅଧିକାରୀ ସୁବ୍ରଜିତି ଦାସ ସୂଚନା ଦେଇଚନ୍ତି ।

# ବିଶିଷ୍ଟ ନାଟ୍ୟଯନ୍ତ୍ର କାରିଗରଙ୍କ ପରଲୋକ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ, ଗୋବରଘାଟା ପଂଚାୟତ, ସୀମାନ୍ତ ହାଟପଦା ଗାଁର ବହୁମୁଖି ପ୍ରତିଭାର ଅଧିକାରୀ ରଜନୀ କାନ୍ତ ଘୋଷ(୭୪) ଙ୍କ ମଙ୍ଗଳବାର ପରଲୋକ ଘଟିଛି । ସେ ଜରାଗ୍ରସ୍ତ ହୋଇ ସ୍ୱଭାବିକ ମୃତ୍ୟୁ ବରଣ କରିଛନ୍ତି । ସେ ଏକାଧାରରେ ପ୍ରତିଷ୍ଠିତ ବ୍ୟବସାୟୀ, ଦକ୍ଷ ଯନ୍ତ୍ର କାରୀଗର, ସୁନାମଧନ୍ୟ ନାଟ୍ୟଭିନେତା, କୁଶଳୀ କୃଷକ, ବନ୍ଧୁ ବତ୍ସଳ, ସ୍ୱାଭିମାନ, ସୁବିଚାରକ ଓ ମହିମା ଧର୍ମାବଲମ୍ବୀ ବ୍ୟକ୍ତିତ୍ୱ ଥିଲେ । ରାଇବଣିଆ ଥାନା ଅଧିନ ମାଳିପାଳ ଗାଁର ମୂଳ ନୀବାସୀ ସୀମାନ୍ତ ଅଂଚଳରେ ବାସ କରିବା ସହିତ ଯନ୍ତ୍ରାଂଶ ଦୋକାନ କରି ସାଧୁତାର ସହ ବ୍ୟବସାୟ କରୁଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ, ମିନତି ଘୋଷ, ପୁତ୍ର ବଧୂ ଅଞ୍ଜଳି ଘୋଷ ୩ନାତୁଣୀ, ବନ୍ଧୁ ବାନ୍ଧବ ଓ ପୋଡଶୀ ଉପସ୍ଥିତ ଥିଲେ । ପ୍ରଧାପକ ବିପନ ବିହାରୀ ବିଶ୍ୱାଳ, ଡଃ ଅଜିତ କୁମାର ମହାନ୍ତି, କବି ସୁଶିଲ ମହାନା, ସ୍ୱୟଂ ସେବକ ଶୁଭ୍ରାଂଶୁ ଶେଖର ଦାସମହାପାତ୍ର, ପ୍ରଣବ ପଣ୍ଡା, ଖଗେନ୍ଦ୍ର ରଣା, ଅନନ୍ତ ଘୋଷ, ଉତମ ପ୍ରଧାନ, ଗୌତମ ପ୍ରଧାନ, ବିଶ୍ୱଜିତ ପାଳ, ପ୍ରାକ୍ତନ ସରପଂଚ ବୁଦ୍ଧେଶ୍ୱର ପ୍ରଧାନ, ମୁରଲୀ ଦାସ, ପ୍ରଭାସ ବେହେରା, ଅରବିନ୍ଦ ଜେନା, ନନ୍ଦ ଜେନା, ପୃଥିରାଜ ବେହେରା, ସୁଜୟ କୁମାର ଘଡ଼େଇ, ପଙ୍କଜ ପାଳ, ତପନ ସାହୁ, ରାତାପଦ ମାନା, ଚ଼ନ୍ଦନ କର ପ୍ରମୁଖ ଶତାଧିକ ଗ୍ରାମବାସୀମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କବି ବସନ୍ତ ଦାସ, ନରୋତମ ପ୍ରଧାନ, ନିକୁଞ୍ଜ ଘୋଷ, ଅବସର ପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ଗିରି, ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ଦୁର୍ଗା ଶଙ୍କର ଗିରି, ଶିକ୍ଷକ ସୁଶାନ୍ତ ଦାସ, ରାଜୀବ ଲୋଚନ ରାଉତ, କରୁଣାକର ମହାନ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ଏକମାତ୍ର ପୁତ୍ର କବି ରଞ୍ଜନ ଘୋଷ ଏବଂ ୮ ଭଣଜା ସୁବର୍ଣ୍ଣରେଖା ନଦୀ କୂଳ ଶ୍ମଶାନରେ ମୁଖାଗ୍ନୀ ଦେଇଥିଲେ ।





# ଗଞ୍ଜାମ ପଂଚାୟତ ସମିତିର ନବମ ସାଧାରଣ ଅଧିବେଶନ ଅନୁଷ୍ଠିତ



ଛତ୍ରପୁର (ନି.ପ୍ର.) ଗଞ୍ଜାମ ପଂଚାୟତ ସମିତିର ନବମ ସାଧାରଣ ଅଧିବେଶନ ପଂଚାୟତ ସମିତିର ଅଧକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକଙ୍କ ଗଞ୍ଜାମ ବ୍ଲକ ପ୍ରତିନିଧି ମାନସ ନାୟକ, ଉପାଧକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଜିଲ୍ଲାପରିଷଦ -୧୫ ର ସଦସ୍ୟ ସନାତନ ବେହେରା, ଜିଲ୍ଲାପରିଷଦ -୧୪ର ସଦସ୍ୟା ସସ୍ମିତା ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀ, ସମସ୍ତ ସରପଂଚ, ସମିତି ସଭ୍ୟ, ଜନପ୍ରତିନିଧି, ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ପଂଚାୟତରାଜ ଜନପ୍ରତିନିଧି ମାନେ ନିଜ ନିଜ ଅଂଚଳରେ କ୍ଷୁଦ୍ର ଓ ଉଠା ଜଳସେଚନ, ପାନୀୟ ଜଳ ଯୋଗାଣ, ରାସ୍ତା, ଅଙ୍ଗନୱାଡି କେନ୍ଦ୍ର, କୃଷି ଓ ବିଦ୍ୟାଳୟ ଆଦିରେ ଥିବା ବିଭିନ୍ନ ସମସ୍ୟା ଉଭାନ କରିଥିଲେ । ସମ୍ପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଜନପ୍ରତିନିଧିମାନେ ଉ□ାନ କରିଥିବା ବିଭିନ୍ନ ସମସ୍ୟାର ସାମ୍ପ୍ରତିକ ସ୍ଥିତି ଓ କେବେ ସୁଦ୍ଧା ସେଗୁଡିକର ସମାଧାନ ହୋଇପାରିବ ସେ ବିଷୟରେ ବୈଠକକୁ ଅବଗତ କରାଇଥିଲେ । ଗଞ୍ଜାମ ବ୍ଲକ ଚାଷ ପାଇଁ ଜଣାଶୁଣା ତେଣୁ ଚାଷୀ ଭାଇଭଉଣୀ ମାନଙ୍କର ସମସ୍ୟା ସମାଧାନକୁ ସବୁବେଳେ ପ୍ରାଥମିକତା ଦେବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଥିଲା । ଚଳିତ ବର୍ଷ ଟମାଟୋ ଅଜ୍ୱଦରରେ ବିକ୍ରି ହୋଇଥିଲା । ସେଥିଉପରେ ବିଶେଷ ଦୃଷ୍ଟି ଦେଇ ଚାଷ ପ୍ରତି ଲୋକମାନେ ଉତ୍ସାହିତ ହେଲା ଭଳି ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ବୈଠକରେ ପରାମର୍ଶ ଦିଆ ଯାଇଥିଲା । ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ସେମାନଙ୍କ ବିଭାଗର ଗଞ୍ଜାମ ବ୍ଲକ ସମ୍ପର୍କୀୟ ତଥ୍ୟ ଉପସ୍ଥାପନ କରିଥିଲେ ଏବଂ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏହି ଅବସର ରେ ଦଶମ ପରୀକ୍ଷାରେ ଉତ୍କୃଷ୍ଟ ନମ୍ବର ରଖି ଗଞ୍ଜାମ ବ୍ଲକ ପାଇଁ ସୁନାମ ଆଣିଥିବା କୃତି ଛାତ୍ର-ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ "ସୁରକ୍ଷିତ ବାଲ୍ୟକାଳ, ସୁରକ୍ଷିତ ଭବିଷ୍ୟତ" ଶୀର୍ଷକ ଆଇନ ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର, (ନି.ପ୍ର.) : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ ପକ୍ଷରୁ "ସୁରକ୍ଷିତ ବାଲ୍ୟକାଳ, ସୁରକ୍ଷିତ ଭବିଷ୍ୟତ" ଶୀର୍ଷକ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆଜି ଛତ୍ରପୁର ସ୍ଥିତ ବିଜ୍ଞାନ ମହାବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ବ୍ୟୋମକେଶ ନାୟକ ଅଧକ୍ଷତା କରି "ନାଲସା ଜାଗୃତି ଯୋଜନା-୨୦୨୫" ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ସେ ସାଧାରଣ ଲୋକଙ୍କୁ ନିଶୁଳ୍କ ଆଇନ ସହାୟତା, ନ୍ୟାୟ ପ୍ରାପ୍ତିର ସୁବିଧା ଏବଂ ସଚେତନତାର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ ।ଛତ୍ରପୁର କୋର୍ଟର ବରିଷ୍ଠ ଦେଓ୍ୱାନୀ ବିଚାରପତି ଶ୍ରୀମତୀ ପୂଜା ଦେ ଜେଜେ ସିପିସି ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ । ସେ ଶିଶୁମାନଙ୍କ ଅଧିକାରର ସୁରକ୍ଷା ଓ ଶିଶୁ ନ୍ୟାୟ ବ୍ୟବସ୍ଥାର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ଉପସ୍ଥାପନ କରିଥିଲେ । ସେହିପରି ଛତ୍ରପୁର ଉପଖଣ୍ଡିୟ ନ୍ୟାୟିକ ମାଜିଷ୍ଟ୍ରେଟ ଶ୍ରୀମତୀ ବିଷ୍ଣୁପ୍ରିୟା ସାମନ୍ତରାୟ ନିଶୁଳ୍କ ଆଇନ ସେବା ପ୍ରଦାନ ବ୍ୟବସ୍ଥା ଓ ଏହାର ସୁଫଳ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଜେଏମଏଫସି ଶ୍ରୀମତୀ ସ୍ୱାଗତିକା ସ୍ୱାଇଁ ନ୍ୟାୟ ପ୍ରଦାନ ପ୍ରଣାଳୀ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହ ଆଇନ ପ୍ରତି ସଚେତନ ହେବାକୁ ପ୍ରେରଣା ଦେଇଥିଲେ । କଲେଜର ଅଧକ୍ଷ ସ୍ୱାଗତ ଭାଷଣରେ ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇନ ସଚେତନତା ବୃଦ୍ଧି କରୁଥିବା କଥା କହିଥିଲେ । କଲେଜର ପ୍ରଶାସନିକ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଶ୍ରୀ ବ୍ୟୋମକେଶ ନାୟକଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା ।

# ପୂର୍ବତନ ବିଧାୟିକା ଦୀପାଳିଙ୍କ ଦାସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି



ଝାରସୁଗୁଡ଼ା(ନି.ପ୍ର.),ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନାବାଳିକା ସହ ଘଟିଥିବା ଦୁର୍ଭାଗ୍ୟଜନକ ଦୁଷ୍କର୍ମ ମାମଲାରେ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରାଯାଇଛି । ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଏହି ମାମଲାରେ ମାତ୍ର ୨୪ ଘଂଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିଥିବାରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଝାରସୁଗୁଡ଼ା ପୋଲିସ ପ୍ରଶାସନକୁ ଧନ୍ୟବାଦ ଜଣାଇବା ସହିତ ସହର ରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରିବା ପାଇଁ ଏକ ଦାବିପତ୍ର ମଧ ଝାରସୁଗୁଡା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ଶୁକ୍ରବାର ପ୍ରଦାନ କରିଛନ୍ତି । ପୂର୍ବତନ ବିଧାୟିକା ଦୀପାଳୀ ଦାସ କହିଛନ୍ତି ଯେ , ପୋଲିସର ଏଭଳି ଦ୍ରୁତ ପଦକ୍ଷେପ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଘଟାଉଥିବା ଅପରାଧୀଙ୍କ ନିକଟକୁ ଏକ ଶକ୍ତ ବାର୍ତ୍ତା ପ୍ରେରଣ କରିବ ।?ଏଥି ସହିତ ଏହି ସଂବେଦନଶୀଳ ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିବା ସହ ଆଗାମୀ ଦିନରେ ସହରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଦାସ ଏସପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।ଦାବିପତ୍ର ରେ ଝାରସୁଗୁଡ଼ା ଏକ ପ୍ରମୁଖ ଶିଳ୍ପାଂଚଳ ହୋଇଥିବାରୁ ଏଠାରେ ଜନସଂଖ୍ୟା ଏବଂ ଲୋକଙ୍କ ଯାତାୟାତ ସର୍ବଦା ଅଧିକ ରହୁଛି । ତେଣୁ ନାଗରିକ, ବିଶେଷ କରି ମହିଳା, ଶିଶୁ ଓ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ପାଇଁ ନିମ୍ନଲିଖିତ ପଦକ୍ଷେପଗୁଡ଼ିକୁ ପ୍ରାଥମିକତା ଭିତିରେ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି ।ସହରର ସଂବେଦନଶୀଳ ଅଂଚଳ, ଶିକ୍ଷାନୁଷ୍ଠାନ, ହଷ୍ଟେଲ, ମହିଳା କଲେଜ, ମୁଖ୍ୟ ଚିକିତ୍ସାଳୟ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ବିଶେଷ କରି ସନ୍ଧ୍ୟା ଓ ରାତି ସମୟରେ ପୋଲିସ ପାଟ୍ରୋଲିଂକୁ ବ୍ୟାପକ କରାଯାଉ । ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକର ତୁରନ୍ତ ଯାଂଚ କରାଯାଉ ଏବଂ ଅଚଳ ଥିବା କ୍ୟାମେରାଗୁଡ଼ିକୁ ଯଥାଶୀଘ୍ର ସଚଳ କରାଯାଉ । ସହରର ମୁଖ୍ୟ ରାସ୍ତା, ବଜାର, ରେଳ ଷ୍ଟେସନ, ବସ୍ ଷ୍ଟାଣ୍ଡ, ମୁଖ୍ୟ ଡାକ୍ତରଖାନା ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନଗୁଡ଼ିକରେ ଅଧିକ ସଂଖ୍ୟାରେ ନୂତନ ସିସିଟିଭି କ୍ୟାମେରା ସ୍ଥାପନ କରାଯାଉ । ଭବିଷ୍ୟତରେ ଏଭଳି ଅପରାଧିକ ଘଟଣାର ପୁନରାବୃତି ରୋକିବା ପାଇଁ ସୁରକ୍ଷା ତଦାରଖ ଏବଂ ପୋଲିସର ତୁରନ୍ତ ପ୍ରତିକ୍ରିୟା ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯାଉ ବୋଲି ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷା ଭାବନା ଫେରାଇ ଆଣିବା ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ଏହି ଦୀର୍ଘକାଳୀନ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବ ବୋଲି ପୂର୍ବତନ ବିଧାୟିକା ଦୀପାଳି ଦାସ ଆଶା ପ୍ରକଟ କରିଛନ୍ତି ।

# ୟୁନିଟେକ କଲେଜର +୨ରେ ଶତ ପ୍ରତିଶତ ସଫଳତା

ନୟାଗଡ(ନି.ପ୍ର.) -ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନ, କଳା, ବାଣିଜ୍ୟର ପରିକ୍ଷା ଫଳ ପ୍ରକାଶ ପାଇଅଛି , ଉକ୍ତ ପରିକ୍ଷା ରେ ୟୁନିଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ନୟାଗଡ଼ ତିନୋଟି ବିଭାଗରେ ଅଭୂତପୂର୍ବ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି । ବିଜ୍ଞାନ ବିଭାଗରେ ୧୫୬ ଜଣ ପରିକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୧୫୩ ଜଣ, ୯୦% ୧୪ ଜଣ,୮୦% ଉର୍ଦ୍ଧ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ହେଲେ ୭୫ ଜଣ , ସେହିପରି ବାଣିଜ୍ୟରେ ସମସ୍ତ ୩୧ ଜଣ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି ଏବଂ କଳା ବିଭାଗ ରେ ମୋଟ ୬୮ ଜଣ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ୪ ଜଣ ୯୦% ରୁ ଅଧିକ, ୩୫ ଜଣ ୮୦% ରୁ ଅଧିକ ୬୬ ଜଣ ପ୍ରଥମ ଶ୍ରେଣୀରେ କୃତିତ୍ୱର ସହ ସଫଳତା ହାସଲ କରିଛନ୍ତି । ସର୍ବୋପରି ବିଜ୍ଞାନ ରେ ବିଶ୍ୱଜିତ ମହାନ୍ତି ସର୍ବାଧିକ ୫୭୪ ନମ୍ବର, ଓମ୍ ପ୍ରସାଦ ସାହୁ ବାଣିଜ୍ୟ ରେ ସର୍ବାଧିକ ୫୬୨ ନମ୍ବର ଏବଂ କଳା ବିଭାଗ ରେ ରୋଜାଲିନ ଛୋଟରାୟ ସର୍ବାଧିକ ୫୫୨ ନମ୍ବର ରଖି ଅନୁଷ୍ଠାନ ର ଗୌରବ ବୃଦ୍ଧି କରିଛନ୍ତି । ଅନୁଷ୍ଠାନ ର ଚେୟ ଚୟାରମ୍ୟାନ ଶ୍ରୀ ପ୍ରଦୀପ କୁମାର ପୃଷ୍ଟି ଏହି ସଫଳତା ର ଶ୍ରେୟ ସମସ୍ତ ଶିକ୍ଷକ ଏବଂ ଛାତ୍ର ଛାତ୍ରୀ ମାନଙ୍କର ପ୍ରଚେଷ୍ଟା କୁ ପ୍ରଶଂସା କରିଛନ୍ତି ।

# ଧନିଚା ଓ ଡାଲି ଜାତୀୟ ଫସଲ ମାଟିରେ ଯବକ୍ଷାରଜାନ ବଢ଼ାଇଥାଏ

କନ୍ଧମାଳ, (ହି.ସ.)- ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କୃଷି ବିଭାଗ, କନ୍ଧମାଳଙ୍କ ମିଳିତ ସହଯୋଗରେ ଚକାପାଦ ବ୍ଲକ୍ ପସରା ଗ୍ରାମପଂଚାୟତ ସ୍ଥିତ ରାଇପଦା ଠାରେ ଧନିଚା ଓ ଡାଲି ଜାତୀୟ ଫସଲ ମାଟିରେ ଯବକ୍ଷାରଜାନ ବଢାଇଥାଏ ଶିର୍ଷକ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଚକାପାଦ ବ୍ଲକ୍ ସହାୟକ କୃଷି ଅଧିକାରି ଶିବାନୀ ପ୍ରଧାନ, ବ୍ଲକ୍ ବୈଷୟିକ ପରିଚାଳକ ରାଧେ ରମଣ ଶର୍ମା ଓ ପସରା କୃଷି ପରିଦର୍ଶିକା ସୁଭଦ୍ରା ଭୂୟାଁ ଯୋଗଦେଇ ବିଭିନ୍ନ ଚାଷ କାର୍ଯ୍ୟ ପାଇଁ ଚାଷୀର ମନବଳ ଓ ସାଧନାର ଆବଶ୍ୟକତା ବିଷୟରେ କହିବା ସହିତ ଧାନ କାଟିବା ପୂର୍ବରୁ ବା ଧାନ କାଟିବା ପରେ କିପରି ବିଭିନ୍ନ ଡାଲି ଯାତୀୟ ଫସଲ ଅମଳ କରି ହେବ ତାହା ଉପସ୍ଥାପନା କରିଥିଲେ । ଏହି ଡାଲି ଜାତୀୟ ଫସଲ ଗୁଡିକୁ ଅଧିକ ଦିନ ଘରେ ସାଇତି ରଖାଯାଇ ପାରିବ ଓ ପରବର୍ତୀ ସମୟରେ ଚାଷୀ ଚାହିଁଲେ ଅଧିକ ଦରରେ ମଧ ବିକ୍ରି କରି ନିଜର ରୋଜଗାର ବଢାଇ ପାରିବ । ଏଥି ସହିତ ଏହି ଡାଲି ଜାତୀୟ ଫସଲ ଚାଷ ଜମିକୁ ଅଧିକ ଯବକ୍ଷାରଜାନ ଯୋଗାଇଥାଏ ଯାହା ଜମିକୁ ଉର୍ବର କରିବାରେ ସହାଯ୍ୟ କରେ ଏବଂ ପରବର୍ତୀ ଫସଲରେ କମ୍ ସାରର ଆବଶ୍ୟକତା ପଡିଥାଏ । ଏହା ସଙ୍ଗେ ସଙ୍ଗେ ଗୋଟିଏ ଜମିରୁ ଦୁଇଟି ଫସଲ ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ରାଇକିଆ ବ୍ଲକ୍ ର ଇନ୍ଦ୍ରଗଡ ପଂଚାୟତ ବଗେଜୁ ଠାରେ ଏକ ଦିନିକିଆ କୃଷକ ତାଲିମ କାର୍ଯ୍ୟକ୍ରମ କରାଯାଇ ଚାଷୀ ମାନଙ୍କୁ ବିରି ଓ ଧଳା ମଟର ଚାଷ ସଂପର୍କରେ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିରି ଓ ମଟର ଚାଷର ଫାଇଦା ବିଷୟରେ ଉପସ୍ଥାପନା କରାଯାଇ ଦେଖାଯାଇଥିଲା ଯେ, ମଟର ଚାଷ ପରିବାର ପାଇଁ ଖାଦ୍ୟ ସୁରକ୍ଷା ହିସାବରେ ମଧ ସହଯୋଗ କରିଥାଏ । କାର୍ଯ୍ୟକ୍ରମରେ ଆଗାମି ଦିନରେ କିପରି ଅଧିକ ଚାଷୀ ଏହି ମଟର ଓ ବିରି ଚାଷ କରିବେ ସେ ବିଷୟରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ତାଲିମରେ ସ୍ଥାନୀୟ ଅଂଚଳରୁ ବହୁ ମହିଳା ଓ ପୁରୁଷ ଚାଷୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ କର ଓ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ ହୃଷିକେଶ ଅମାୟତ ପରିଚାଳନାରେ ସହଯୋଗ କରିଥିଲେ ।

# ନାରୀ ସଂରକ୍ଷଣ ଓ ନିର୍ଯ୍ୟାତନାକୁ ନେଇ ଗର୍ଜିଲା ବିଜେଡି ମହିଳା ମୋର୍ଚ୍ଚା

ବଲାଙ୍ଗିର, (ହି.ସ.)- ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଠାରେ ବିଜେଡିର ଶତାଧିକ ମହିଳା କର୍ମୀ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ନାରୀ ସମ୍ମାନ, ସଶକ୍ତିକରଣ, ସୁରକ୍ଷା ଓ ସଂରକ୍ଷଣ ଉପରେ କେନ୍ଦ୍ର ସରକାରଙ୍କ ବିଫଳତାକୁ ଭିତି କରି ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆଜି ପୂର୍ବାହ୍ନରେ ସ୍ଥାନୀୟ ଜିଆର ପ୍ୟାଲେସ ଠାରୁ ଏକ ବିଶାଳ ନାରୀ ଶୋଭାଯାତ୍ରା ଆରମ୍ଭ କରି ରାଜ୍ୟରେ ଆଇନ ଶୃଙ୍ଖଳା ନାରୀ ନିର୍ଯ୍ୟାତନା ଓ ୩୩ ପ୍ରତିଶତ ସଂରକ୍ଷଣରେ ବିଫଳତାକୁ ମୁଖ୍ୟ ମୁଦ୍ଦା ନିଆଯାଇଥିଲା । ଏ ସଂକ୍ରାନ୍ତରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଏନ୍ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରଯାଇଥିଲା । ପରେ ସମସ୍ତ ମହିଳାକର୍ମୀ ସ୍ଥାନୀୟ ଜିଆର ପ୍ୟାଲେସ ଠାରେ ଏକତ୍ରିତ ହୋଇ ଏକ ବିକ୍ଷୋଭ ସଭାର ଆୟୋଜନ କରଯାଇଥିଲା ।

କାର୍ଯ୍ୟକ୍ରମରେ କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀ ର ବିଜେଡ଼ି ଯୁବ ନେତା ଗିରିରାଜ ସିଂ ମାଝୀ ଙ୍କ ନେତୃତ୍ୱ ନେଇଥିବା ବେଳେ ପାଟଣାଗଡ଼ ପୂର୍ବତନ ବିଧାୟକ ତଥା ବଲାଙ୍ଗିର ଜିଲ୍ଲା ବିଜେଡ଼ି ଜିଲ୍ଲା ସଭାପତି ସରୋଜ ମେହେର, ପୂର୍ବତନ ସାଂସଦ ନିରଞ୍ଜନ ବିଶି, ବଲାଙ୍ଗିର ଜିଲ୍ଲା ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ମିଥିଳା ମାଝୀ, ବଲାଙ୍ଗିର ଜିଲ୍ଲା ପୂର୍ବତନ ଏସଡିସି ଶ୍ରୀମତୀ ନିରୁପମା ମାଝୀ, ମୁରିବାହାଲ ବ୍ଲକ ପୂର୍ବତନ ଅଧକ୍ଷ ହଂସରାଜ ଜୈନ, ବଙ୍ଗୋମୁଣ୍ଡା ବ୍ଲକ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଉଦ୍ଧବ ବେହେରା, ମୁରିବାହାଲ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ସୁନ୍ଦରମତି ବାଗ, ଜିଲ୍ଲା ସାଧାରଣ ସଂପାଦକ ଦେବରାଜ ବାରିକ, ରାଜ୍ୟ ଯୁବ ସାଧାରଣ ସଂପାଦକ ଅଜିତ ଯୋଶୀ, ରାଜ୍ୟ ମହିଳା ଉପ ସଭାପତି ଶ୍ରୀମତୀ ଗୋପା ମହାନନ୍ଦ, ଲାଲଚନ୍ଦ ପୁଟେଲ, ଆସାଦୁଲ୍ଲା ଖାନ, ଦେବରାଜ ଯାଦବ, ପିଙ୍କି ଖର୍ସେଲ, ସିମ୍ରନ କୈର, ପ୍ରେମିସ ବାଗ, ବିଶ୍ୱନାଥ ସାହୁ, ଦ୍ରୋପଦ ନାଏକ, ପ୍ରସୁଦନ ମାଝୀ, ଅମିତ ସାହୁ, ଭବାନୀ ନାଗ, ରାମଚନ୍ଦ୍ର ରାଏ, ଦିପକ ଘିଭେଲା, ବିଷ୍ଣୁ ପ୍ରସାଦ ଯୁଏଡ, ଦୈତାରି ଭୋଇ, ମୁଜାଫର ଖାନ, ଆଶିଷ ବେହେରା, ସଚିନ ହଂସ, କୁନା ବଏ, ଚୈତନ୍ୟ ମାଝୀ, ଅଗସ୍ତି ବାଗ, ଗୋପାଳ ମେହେର, କାହ୍ନା ଯାଦବ, ତୁରେକେଲା ବ୍ଲକ, ବଙ୍ଗୋମୁଣ୍ଡା ବ୍ଲକ, ମୁରିବାହାଲ ବ୍ଲକ ର ସମିତି ସଭ୍ୟ/ସଭ୍ୟା, ସରପଂଚମାନେ କଂଟାବାଞ୍ଜି କାଉନସିଲରମାନେ ଓ ବିଜୁ ଜନତା ଦଳର କର୍ମକର୍ତା ମାନେ ଯୋଗଦାନ କରି ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ବିଜେଡ଼ି କାର୍ଯ୍ୟକର୍ତା ଦିଲିପ ପୃଷ୍ଟି ସଭା କାର୍ଯ୍ୟ ପରିଚାଳନା କରିଥିଲେ ।

# ସିପିଆଇ ନୀଳଗିରି ଅଂଚଳ କମିଟି ତରଫରୁ କଳା ଦିବସ ପାଳିତ

ନୀଳଗିରି, (ନି.ପ୍ର.) ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଅଂଚଳ କମିଟି ତରଫରୁ ନୀଳଗିରି ସହର ର ବନମାଳୀ ଭବନ ରେ ବର୍ଷିଆନ ନେତା କୈଳାଶ ଚନ୍ଦ୍ର ପଣ୍ଡା ଙ୍କ ସଭାପତିତ୍ୱ ରେ ୧୯୯୮ ମସିହା ମେ ୨୧ ତାରିଖ ବଜରଙ୍ଗ ଦଳ ତରଫରୁ ଯୋଜନା ବଦ୍ଧ ଭାବେ ଭିଡ଼ ହତ୍ୟା ପାଇଁ ବାଉଁଶବଣିଆ ପଂଚାୟତ ର ଗୁହାଳିଆ ଗ୍ରାମବାସି ମାନଙ୍କ ଉପରେ ବର୍ବରଚିତ ଆକ୍ରମଣ ହୋଇଥିଲା କ୍ଷ ସେହି ଆକ୍ରମଣ କୁ ପ୍ରତିରୋଧ କରି ୩୦୦ ରୁ ଉର୍ଦ୍ଧ ମହିଳା ଗ୍ରାମ ର ଥିବା ମୁଖ୍ୟ ରାସ୍ତା ରୁ ଗାଁ ମଝିକୁ ଯାଇଥିବା ରାସ୍ତା ର ପ୍ରାରମ୍ଭ ରେ ଅବରୋଧ କରିଥିଲେ କ୍ଷ ୨ ପ୍ଲାଟୁନ ପୋଲିସ ଫୋର୍ସ ଉକ୍ତ ସ୍ଥାନ କୁ ଜଗି ରହିଥିଲେ, ମାତ୍ର ବଜରଙ୍ଗ ଦଳ ତରଫରୁ ସମଗ୍ର ରାଜ୍ୟ ରୁ ଯାଇଥିବା ୧ ହଜାର ରୁ ଉର୍ଦ୍ଧ ମାରଣାସ୍ତ୍ର ଧାରୀ ମାନେ ପ୍ରତିରୋଧ କୁ ଭୃକ୍ଷେପ ନ କରି ଗୁପ୍ତି, ଖଣ୍ଡା, ଠେଙ୍ଗା ରେ ନିରସ୍ତ୍ର ମହିଳା ମାନଙ୍କୁ ଆକ୍ରମଣ କରିଥିଲେ କ୍ଷ ଆକ୍ରମଣ ରେ ବହୁ ମହିଳା ନିଜର ଇଜ୍ଜତ ହରାଇବା ସହିତ ଶାରୀରିକ ଭାବେ ମୁମୂର୍ଷ ହୋଇଯାଇଥିଲେ କ୍ଷ ଏ ପରିକି ଆକ୍ରମଣକାରି ଙ୍କ ଖଣ୍ଡା ଚୋଟ ରେ ବାସନ୍ତୀ ନାୟକ ସବୁଦିନ ପାଇଁ ଆକ୍ରୋଶ କାରି ଙ୍କ ଆକ୍ରମଣ ରେ ୩ ଗୋଟି ଦାନ୍ତ ହରାଇଥିଲେ କ୍ଷ ସେହି ବର୍ବରଚିତ ଆକ୍ରମଣ ଥିଲା ଭାରତବର୍ଷ ପାଇଁ ଏକ କଳା ଦିବସ କ୍ଷ ଏହି ନାରକୀୟ ଘଟଣା କୁ ମନେ ପକେଇ ଦୀର୍ଘ ୨୫ ବର୍ଷ ଧରି ମେ ୨୧ କୁ କଳା ଦିବସ ରୂପେ ନୀଳଗିରି ଅଂଚଳ କମିଟି ପାଳନ କରି ଆସୁଅଛି କ୍ଷ ଆଜି ମେ ୨୧ ସକାଳ ୮ ଘଟିକା ସମୟରେ ବନମାଳୀ ଭବନ ରେ ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ଏହି ସ୍ମରଣୀୟ ଦିବସ କୁ ପାଳନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ ରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ଯୋଗ ଦେଇଥିବା ବେଳେ ଜୋନ ସମ୍ପାଦକ ବିଜୟ ସ ଆୟୋଜନ କରିଥିଲେ କ୍ଷ କମ୍ୟୁନିଷ୍ଟ ପାର୍ଟି ର ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ଦେବେନ୍ଦ୍ର ବେହେରା, ପ୍ରଭାକର ମହାପାତ୍ର, ଗାୟତ୍ରୀ ପଣ୍ଡା, ବିକ୍ରମ କେଶରୀ ମିଶ୍ର, ଜୋନ କମିଟି ସଦସ୍ୟ ବିଦ୍ୟାଧର ବେହେରା, ନିରଞ୍ଜନ ଜେନା, ନାଗେନ୍ଦ୍ର ଦଳେଇ, ସୀତାରାମ ଦାସ, ବାସନ୍ତୀ ନାୟକ, ଜୟନ୍ତୀ ବେହେରା, ବାସନ୍ତୀ ସେଠି ସମେତ ବହୁ ମହିଳା ପୁରୁଷ ଯୋଗ ଦେଇଥିଲେ କ୍ଷ ଉକ୍ତ ଦିବସ ପାଳନ ପରିପେକ୍ଷୀ ପରେ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର, ବାଉଁଶ ବଣିଆ ଠାରୁ ପାଇକ ପଡା ପର୍ଯ୍ୟନ୍ତ କୁଲଡିହକ୍ଷ ର ଶେଷ ସୀମା ରେ ସୋଲାର ତାର ବାଡ଼ ନିର୍ମାଣ, ୬୦ ବର୍ଷ ର ସମସ୍ତ ବୃଦ୍ଧ ବୃଦ୍ଧା କୁ ଭତା ପ୍ରଦାନ, ସମସ୍ତ ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦାବି କରି ଆସନ୍ତା ମେ ମାସ ୨୯ ତାରିଖ ସକାଳ ୯ ଘଟିକା ସମୟରେ ଔପଦା ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହେବାକୁ ଥିବା ଗଣ ବିକ୍ଷୋଭ ଜରିଆରେ ଔପଦା ବିଡ଼ିଓ ଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବା ନେଇ ନିଷ୍ପତି ଗ୍ରହଣ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ



ପୁରୀ (ନି.ପ୍ର.)ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ତଥା ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଅଧକ୍ଷ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିବା ସହ ପୁରୀ ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଂଚଳ ଭାବେ ପରିଚିତ ଥିବାରୁ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବନ୍ୟା ଓ ବାତ୍ୟା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗରେ ପ୍ରସ୍ତୁତ କରାଯାଇଥିବା ଯୋଜନା ଅନୁସାରେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ ।ସମସ୍ତ ଜଳସେଚନ ଡିଭିଜନ, ଡ୍ରେନେଜ ଡିଭିଜନ କ୍ଷେତ୍ର ପରିଦର୍ଶନ ସହ ସମସ୍ତ କାର୍ଯ୍ୟ କୁ ଅନୁଧାନ କରିବା,ଦୁର୍ବଳ ନଦୀ ବନ୍ଧ ଚିହ୍ନଟ କରି ସମୀକ୍ଷା ଓ ମରାମତି କରିବା, ଲୋକ ପ୍ରତିନିଧି ମାନଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ତାହାର ରିପୋର୍ଟ ଜିଲ୍ଲା ପ୍ରଶାସନ କୁ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବୈଠକରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ,ଜିଲ୍ଲା ପରିଷଦ ଅଧକ୍ଷା ସ୍ୱାପ୍ନାରାଣୀ ସ୍ୱାଇଁ,ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ଯୋଗ ଦେଇ ବିଭିନ୍ନ ନଦୀ ବନ୍ଧ ସୁଦୃଢ କରିବା ସହ ବିପର୍ଯ୍ୟୟ ମୁକାବିଲା ପାଇଁ ବିବିଧ ମତାମତ ପ୍ରଦାନ କରିଥିଲେ ।ବିପର୍ଯ୍ୟୟ ପୂର୍ବରୁ ଜନସାଧାରଣ ଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ, ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା ।ଜିଲ୍ଲାରେ ଚଳିତ ବର୍ଷ ଜୁନ ୧ ତାରିଖ ରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଅହୋରାତ୍ର ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହେବ ଓ ବିଡ଼ିଓ, ତହସିଲଦାର ମାନେ ଦୈନିକ ପରିସ୍ଥିତି ବା ସିଚୁଏସନ ରିପୋର୍ଟ ପ୍ରଦାନ କରିବେ ।ଜିଲ୍ଲାରେ ୨୯ ଟି ଏସ ଆର ସି ବୋଟ ରହିଛି ।ଓସଡାମା ପକ୍ଷରୁ ୧୭୦ ଟି ବାତ୍ୟା ଆଶ୍ରୟ ସ୍ଥଳ ଓ ରେଡକ୍ରସ ପକ୍ଷରୁ ୯ ଟି ବାତ୍ୟା ଆଶ୍ରୟ ସ୍ଥଳ ରହିଛି ।ସେହିପରି ୩୭୨ ଟି ବିକଳ୍ପ ଆଶ୍ରୟ ସ୍ଥଳ ମଧ ରହିଛି । ଇତି ମଧ୍ୟରେ ବୋଟ ଚାଳକ ଓ ଖଲାସୀ ଙ୍କୁ ନିଯୁକ୍ତ କରାଯିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ଯେଉଁ ମାନେ କି ବନ୍ୟା ସମୟରେ ସହଯୋଗ କରିବେ ।ସରକାର ଓ ଏସଆରସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା କୁ ସଠିକ ଭାବେ ଅନୁପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳ ଗୁଡିକ ର ମରାମତି ଓ ବାସପୋଯୋଗୀ କରିବା, ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ବିଭିନ୍ନ ଅତ୍ୟବଶ୍ୟକ ସାମଗ୍ରୀ ଯଥା ଚୁଡା, ଗୁଡ ଇତ୍ୟାଦି ମହଯୁଦ ରଖିବା, ନିୟନ୍ତ୍ରଣ କକ୍ଷ ପରିଚାଳନା କରିବା, ଜନପ୍ରତିନିଧି ଓ ପଂଚାୟତ ପ୍ରତିନିଧି ,ସ୍ୱଚ୍ଛାସେବୀ ମାନଙ୍କ ସହ ଯୋଗାଯୋଗ ମାଧ୍ୟମରେ ଜରୁରୀ ସୂଚନା ପ୍ରଦାନ କରିବା, ଖାଦ୍ୟ, ଔଷଧ, ସାପ କାମୁଡା ଆଂଟିଭେନମ ଔଷଧ ମହଯୁଦ ରଖିବା, ଗୋ ଖାଦ୍ୟ ଇତ୍ୟାଦି ମହଯୁଦ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟ ସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଅତିରିକ୍ତ ଏସ ପି ସୌମ୍ୟ ରଞ୍ଜନ ମଲ୍ଲିକ, ସାଂସଦ ଓ ବିଧାୟକ ଙ୍କ ପ୍ରତିନିଧି, ବିଭିନ୍ନ ପଂଚାୟତ ସମିତିର ଅଧକ୍ଷ ଅଧକ୍ଷା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରି ଥିଲେ ।ଶେଷରେ ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ । ଡିପିଓ ସୁକାନ୍ତ ଦାଶ ଓ ଅନ୍ୟ କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଇଂଟନ୍‌ସିପ୍ କାର୍ଯ୍ୟକ୍ରମ

ଭଦ୍ରକ(ନି.ପ୍ର.) : ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଇ□ନ୍‌ସିପ୍ କାର୍ଯ୍ୟକ୍ରମ ଅଧକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଷା ସାହିତ୍ୟବିତ୍ ତଥା ପ୍ରାକ୍ତନ ଅଧକ୍ଷ ଡଃ କୃପାସିନ୍ଧୁ ନାୟକ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଓ ବିଶିଷ୍ଟ ଅତିଥି ଅଧାପିକା ପ୍ରଭାତୀ ନାୟକ ପ୍ରମୁଖ ଯୋଗଦେଇ ଇ□ନସିପ୍ କାର୍ଯ୍ୟକ୍ରମର ସଦୁପଯୋଗ ଓ ଦକ୍ଷତା ପ୍ରତିପାଦନ ସଂପର୍କରେ ଆଲୋକପାତ କରିଥିଲେ । ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ୨୦ଦିନ ବ୍ୟାପୀ ସଂସ୍କୃତ ସମ୍ଭାଷଣ କାର୍ଯ୍ରକ୍ରମରେ ଆଭାସୀ ମାଧ୍ୟମରେ ପ୍ରଚାର ସମିତିର ରାଷ୍ଟ୍ରିୟ ଅଧକ୍ଷ ଡଃ ସଦାନନ୍ଦ ଦୀକ୍ଷିତ ଔପଚାରିକ ଭାବେ ଉଦ୍‌ଘାଟନ କରିଥିବାବେଳେ ରାଷ୍ଟ୍ରିୟ ସଚିବ ବିଭୂତି ଭୂଷଣ କର ଓ ଡଃ ସାଗରିକା ସଂସ୍କୃତ ସମ୍ଭାଷଣ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ ସମ୍ଭାଷଣ କାର୍ଯ୍ୟକ୍ରମ +୩ ଶାସ୍ତ୍ରୀ ଚତୁର୍ଥ ସେମିଷ୍ଟାର ର ଛାତ୍ର, ଛାତ୍ରୀମାନେ ଯୋଗ ଦେଇଥିବା ବେଳେ ଗୌରାଙ୍ଗ ଦାସ ସଭା ସଂଚାଳନା କରିଥିଲେ । ପରିଶେଷରେ ଅଧାପିକା ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ସିଆଇଆଇ ଓଡ଼ିଶା ଚାପ୍ଟର ଅଧକ୍ଷ



ଭୁବନେଶ୍ୱର : ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ସିଆଇଆଇ, ଓଡ଼ିଶା ଚାପ୍ଟର ର ଅଧକ୍ଷ ଶ୍ରୀ ଅନୀଲ ସିଂ ଏବଂ ଉପାଧକ୍ଷ ଶ୍ରୀ ମଣିକାନ୍ତ ନାୟକ ସୌଜନ୍ୟମୂଳକ ସାକ୍ଷାତ କରି ଓଡ଼ିଶାରେ ଆଗାମୀ ସିଆଇଆଇ ପୂର୍ବାଂଚଳ ପରିଷଦର ସମ୍ମିଳନୀ ଆୟୋଜନ ସଂପର୍କରେ ଆଲୋଚନା କରିଛନ୍ତି । ସିଆଇଆଇ ପୂର୍ବାଂଚଳ ସମ୍ମିଳନୀରେ ଓଡିଶା ସହିତ ବିହାର, ପଶ୍ଚିମବଙ୍ଗ, ଛତିଶଗଡ ଓ ଝାଡଖଣ୍ଡର ପ୍ରତିନିଧିମାନେ ଯୋଗଦେବେ । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାରେ ଏହିସବୁ ରାଜ୍ୟଗୁଡିକର ସମନ୍ୱିତ ଭୂମିକା, ଓଡିଶାର ଅଭିବୃଦ୍ଧି ଓ ଭବିଷ୍ୟତର ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ତାଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି ।

# ଆସନ୍ତା ୨୬ ଯାଏଁ ଜାରି ରହିବ ଗ୍ରୀଷ୍ମ ପ୍ରବାହ

ଭୁବନେଶ୍ୱର: ରାଜ୍ୟରେ ଏବେ ତାତିର ପ୍ରକୋପ ଚରମ ସୀମାରେ । ପ୍ରଚଣ୍ଡ ଖରା ସାଙ୍ଗକୁ ଅତ୍ୟଧିକ ଗୁଳୁଗୁଳି ଯୋଗୁଁ ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଏହି ଅସହ୍ୟ ଗରମ ଓ ଗ୍ରୀଷ୍ମ ପ୍ରବାହ ସ୍ଥିତି ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଜାରି ରହିବ । ଦିନର ତାପମାତ୍ରା ସହିତ ରାତିରେ ମଧ ଅଧିକ ଗରମ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରାଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଆଜି ସମ୍ବଲପୁର, ବଲାଙ୍ଗିର ଓ ଝାରସୁଗୁଡ଼ା ପରି ଜିଲ୍ଲାଗୁଡ଼ିକ ପାଇଁ 'ଅରେଞ୍ଜ ୱାର୍ଣ୍ଣିଂ' ଜାରି କରାଯାଇଛି । ଏହାଛଡ଼ା ରାଜ୍ୟର ଅନ୍ୟ ୨୩ଟି ଜିଲ୍ଲା ପାଇଁ 'ୟେଲୋ ୱାର୍ଣ୍ଣିଂ' ଜାରି କରାଯାଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଆସନ୍ତାକାଲି ମଧ ସମ୍ବଲପୁର, ବଲାଙ୍ଗିର ଓ ଝାରସୁଗୁଡ଼ାରେ ଗ୍ରୀଷ୍ମ ପ୍ରବାହର ସମ୍ଭାବନା ଥିବାରୁ ସେଠାରେ ଅରେଞ୍ଜ ୱାର୍ଣ୍ଣିଂ ବଳବତର ରହିବ ।ଏଭଳି ସ୍ଥିତିରେ ବୟସ୍କ ବ୍ୟକ୍ତି, ଶିଶୁ ଏବଂ କ୍ରନିକ୍ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ସ୍ୱତନ୍ତ୍ର ଯତ୍ନ ନେବା ଆବଶ୍ୟକ ।








# ଆଜି ୫୧ ହଜାରରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ୧୯ତମ ରୋଜଗାର ମେଳାରେ



ବିଭିନ୍ନ ସରକାରୀ ବିଭାଗ ଏବଂ ସଙ୍ଗଠନରେ ୫୧ ହଜାର ରୁ ଅଧିକ ନବ ନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ବଂଟନ କରିବେ । ପ୍ରଧାନମନ୍ତ୍ରୀ ସକାଳ ୧୧ଟାରେ ଭିଡିଓ କନଫରେନ୍ସିଂ ଜରିଆରେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ ଏହି ଅବସରରେ ଯୁବକମାନଙ୍କୁ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଲାଗି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାର ଅଂଶବିଶେଷ ଭାବେ ରୋଜଗାର ମେଳା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସରକାରୀ ଚାକିରିରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ । ସାରା ଦେଶରେ ଆୟୋଜିତ ୧୮ଟି ନିଯୁକ୍ତି ମେଳା ଜରିଆରେ ଏ ପର୍ଯ୍ୟନ୍ତ ପ୍ରାୟ ୧୨ ଲକ୍ଷ ନିଯୁକ୍ତି ପତ୍ର ଜାରି କରାଯାଇଛି । ୧୯ତମ ନିଯୁକ୍ତି ମେଳା ଦେଶର ୪୭ଟି ସ୍ଥାନରେ ଅନୁଷ୍ଠିତ ହେବ । ଦେଶର ବିଭିନ୍ନ ସ୍ଥାନରୁ ମନୋନୀତ ପ୍ରାର୍ଥୀମାନଙ୍କୁ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ନିଯୁକ୍ତି ଦିଆଯିବ । ଏଥିରେ ରେଳ ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ଅନ୍ତର୍ଭୁକ୍ତ ।

# ଏଫଏଫଏଫଏଆଇର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଯୋଗ ଦେଲେ ରାଜ୍ୟପାଳ




ଭୁବନେଶ୍ୱର : ଦକ୍ଷତା ସହିତ ଭିତିଭୂମି, ବିଶ୍ୱାସ ସହିତ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥିରତା ସହିତ ଅଭିବୃଦ୍ଧିକୁ ସଂଯୋଗ କରିପାରୁଥିବା ରାଷ୍ଟ୍ରମାନଙ୍କ ପାଇଁ ଭବିଷ୍ୟତ ସମ୍ଭାବନାପୂର୍ଣ୍ଣ ବୋଲି ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି ।ଶୁକ୍ରବାର ଦିନ ପୁରୀ ଠାରେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ (ଓସିବିଏ) ଆନୁକୂଲ୍ୟରେ ଆୟୋଜିତ ଫେଡେରେସନ ଅଫ୍ ଫ୍ରେଟ୍ ଫରୱାର୍ଡର୍ସ ଆସୋସିଏସନ ଇନ୍ ଇଣ୍ଡିଆ (ଏଫଏଫଏଫଏଆଇ) ର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତର ଅର୍ଥନୈତିକ ରୂପାନ୍ତରଣରେ ଲଜିଷ୍ଟିକ୍ସ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତର ଲଜିଷ୍ଟିକ୍ସ କ୍ଷେତ୍ର କେବଳ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଆକାଂକ୍ଷାକୁ ସଂଯୋଗ କରିବା, ବ୍ୟବସାୟକୁ ସଶକ୍ତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଜାତୀୟ ସମୃଦ୍ଧିକୁ ସୁଦୃଢ଼ କରିବା ଦିଗରେ ଜଡ଼ିତ । ଦେଶର ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଇକୋସିଷ୍ଟମରେ ଏଫଏଫଏଫଏଆଇର ଅବଦାନ ପାଇଁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟପାଳ କହିଥିଲେ ଯେ ଏହି ସଂଗଠନ ସାରା ଦେଶରେ କଷ୍ଟମ୍ସ ବ୍ରୋକର ଏବଂ ଫ୍ରେଟ୍ ଫରୱାର୍ଡର୍ସଙ୍କ ପ୍ରତିନିଧିତ୍ୱ କରୁଥିବା ସର୍ବୋଚ୍ଚ ସଂସ୍ଥା ଭାବରେ ଉଭା ହୋଇଛି ଏବଂ ଆଜି ଅନ୍ତର୍ଜାତୀୟ ବାଣିଜ୍ୟକୁ ସୁଗମ କରୁଥିବା ହଜାର ହଜାର ବୃତିଗତ ଏବଂ ଉଦ୍ୟୋଗକୁ ସମର୍ଥନ କରିଆସୁଛି । ରାଜ୍ୟପାଳ ଏହା ମଧ କହିଥିଲେ ଯେ ମାଲବାହୀ ଫରୱାର୍ଡର ଏବଂ କଷ୍ଟମ୍ସ ବ୍ରୋକରଙ୍କ ଭୂମିକା ପ୍ରାୟତଃ ପରଦା ପଛରେ ରହିଥାଏ, ତଥାପି ଏହା ରାଷ୍ଟ୍ର ନିର୍ମାଣରେ ମୁଖ୍ୟ ଭୂମିକା ନଗ୍ରହଣ କରିଥାନ୍ତି । ବାଣିଜ୍ୟର ନୀରବ ସମର୍ଥକ ଭାବେ କଷ୍ଟମ୍ସ ଅନୁପାଳନ, ଲଜିଷ୍ଟିକ୍ସ ପରିଚାଳନା, ମଲ୍ଟିମୋଡାଲ୍ ପରିବହନ ଏବଂ ବାଣିଜ୍ୟ ସୁବିଧାରେ ସେମାନଙ୍କର ବିଶେଷଜ୍ଞତା ଅର୍ଥନୀତିର ଚକ୍ରକୁ ସୁଗମ ଭାବରେ ଗତିଶୀଳ ରଖିଥାଏ । ଯେତେବେଳେ ଭାରତ ପାଂଚ ଟ୍ରିଲିୟନ ଡଲାରର ଅର୍ଥନୀତି ଏବଂ ଏକ ବିଶ୍ୱ ଉତ୍ପାଦନ କେନ୍ଦ୍ର ହେବାକୁ ଆକାଂକ୍ଷା କରେ, ସେତେବେଳେ ଏଫଏଫଏଫଏଆଇ ଭଳି ସଂଗଠନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ ।ଭୂ-ରାଜନୈତିକ ଉତେଜନା, ଯୋଗାଣ ଶୃଙ୍ଖଳ ବାଧା, ବର୍ଦ୍ଧିତ ମାଲ ପରିବହନ ମୂଲ୍ୟ ଏବଂ ଜାହାଜ ଚଳାଚଳ ମାର୍ଗରେ ଅନିଶ୍ଚିତତା ସମେତ ବିଶ୍ୱ ବାଣିଜ୍ୟ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକୁ ଉଲ୍ଲେଖ କରି ସ୍ଥିରତା, ନବସୃଜନ ଏବଂ ସମନ୍ୱିତ ପଦକ୍ଷେପ ଦିଗରେ ସରକାର ଏବଂ ଶିଳ୍ପସଂସ୍ଥାଗୁଡିକ ପଦକ୍ଷେପ ନେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଦକ୍ଷତା ବୃଦ୍ଧି ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ଲକ୍ଷ୍ୟରେ ଜାତୀୟ ଲଜିଷ୍ଟିକ୍ସ ନୀତି, ପ୍ରଧାନମନ୍ତ୍ରୀ ଗତି ଶକ୍ତି, ଡିଜିଟାଲ୍ କଷ୍ଟମ୍ସ ପ୍ରକ୍ରିୟା ଏବଂ ବିକଳ୍ପ ବାଣିଜ୍ୟ କରିଡର କ୍ଷେତ୍ରରେ ଭାରତ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ପଦକ୍ଷେପ ଉପରେ ମଧ ରାଜ୍ୟପାଳ ଆଲୋକପାତ କରିଥିଲେ । ରାଜ୍ୟପାଳ ଏହା ମଧ କହିଥିଲେ ଯେ ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ସ ଓ ସାମୁଦ୍ରିକ କେନ୍ଦ୍ର ଭାବେ ଉଭା ହୋଇଛି ।

# ପୁରୁଷୋତମପୁର ସଡ଼କ ଦୁର୍ଘଟଣାରେ ୬ ମୃତକଙ୍କ ପରିବାରକୁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଲଡକାପଲ୍ଲୀ ଛକରେ ଭୟଙ୍କର ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟଣା । ମୃତକଙ୍କ ପରିବାର ପାଇଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ସେପଟେ ଏହି ଦୁର୍ଘଟଣା ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତି ଭାସନ । ମୃତକଙ୍କ ପରିବାରକୁ ସହାୟତା ରାଶି ଘୋଷଣା କରିଛନ୍ତି । ରେଡକ୍ରସ୍ ପକ୍ଷରୁ ୩୦ ହଜାର ଟଙ୍କାର ସହାୟତା ରାଶି ପାଇଁ ଘୋଷଣା କରାଯାଇଛି । କହି ରଖୁଛୁ କି, ଶୁକ୍ରବାରଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ବ୍ଲକ୍ ଶିକୁଳା ନିକଟ ଲଡକାପଲ୍ଲୀ ଛକରେ ଶୁକ୍ରବାର ପୂର୍ବାହ୍ଣ ୧୦ଟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକଙ୍କ ମଧରେ ୪ ପୁରୁଷ, ୨ ଶିଶୁ ରହିଛନ୍ତି । ସମସ୍ତେ ଅଟୋ ଯାତ୍ରୀ ଓ ଏରେଣ୍ଡ୍ରା, ଚିକିଟି ଓ ପୁରୁଷୋତମପୁର ଅଂଚଳର ଅଟନ୍ତି । ଏକ ଅଟୋ ଯୋଗେ ଏମାନେ ସିଂହାସିନୀ ପୀଠ ଅଭିମୁଖେ ଯାଉଥିଲେ । ଏକ ବସ୍ ଅଟୋକୁ ଦ୍ରୁତ ଗତିରେ ଆସି ଧକ୍କା ଦେବା ସହ କିଛି ଦୂର ଘୋଷାଡି ନେଇ ଏକ ଗଛ ସହ ପିଟି ଦେଇଥିଲା । ଗୁରୁତର ଆହତମାନଙ୍କ ମଧରୁ ୩ ଜଣଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ମୃତଦେହ କୋଦଳା ଡାକ୍ତରଖାନାରେ ରହିଛି । ଅନ୍ୟ ୨ ଆହତ ମଧ ସେଠି ଚିକିତ୍ସିତ ହେଉଛନ୍ତି ।

# ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ନେଇ ଉଚ୍ଚସ୍ତରୀୟ ବୈଠକରେ ଅଧକ୍ଷତା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ଭୁବନେଶ୍ୱର : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟେକ ଯାନିଯାତ୍ରା ଓ ଉତ୍ସବ ପ୍ରତ୍ୟେକ ଓଡ଼ିଶାବାସୀ ଓ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ହେବାକୁ ଥିବା ସ୍ନାନଯାତ୍ରା, ରଥଯାତ୍ରା, ଆଡ଼ପ ମଣ୍ଡପ ବିଜେ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଏବଂ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ଉତ୍ସବର ଶୃଙ୍ଖଳିତ ଆୟୋଜନ ଆମ ସମସ୍ତଙ୍କ ପାଇଁ ଆହ୍ୱାନ । ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଦଇତାପତି ନିଯୋଗଠାରୁ ଆରମ୍ଭ କରି ସମସ୍ତ ସେବାୟତ, ନିଯୋଗ ଏବଂ ରାଜ୍ୟବାସୀଙ୍କ ଏକାନ୍ତ ସହଯୋଗର ଆବଶ୍ୟକତା ରହିଛି । ସମସ୍ତଙ୍କ ସହଯୋଗରେ ଚଳିତ ରଥଯାତ୍ରା ଓ ଅନ୍ୟାନ୍ୟ ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି । ଆଜି ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଚଳିତ ରଥଯାତ୍ରାର ଶୃଙ୍ଖଳିତ ଆୟୋଜନ ନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୁରୀ ଜିଲ୍ଲା ପୋଲିସ, ଦଇତାପତି ନିଯୋଗ ଏବଂ ଅନ୍ୟ ସଂପୃକ୍ତ ସଂସ୍ଥାର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ଏଥିରେ ଶୃଙ୍ଖଳିତ ନୀତିକାନ୍ତି ସହ ନିର୍ଦ୍ଧାରିତ ସମୟରେ ପହଣ୍ଡି, ରଥଟଣା, ଆଡ଼ପ ମଣ୍ଡପ ବିଜେ, ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ବ୍ୟବସ୍ଥା, ଭକ୍ତଙ୍କ ସୁବିଧା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ନୀତିନିର୍ଘଂଟ ନେଇ ଆଗୁଆ ସୂଚନା, ଭିଡ଼ ନିୟନ୍ତ୍ରଣ, ଆବଶ୍ୟକ ସ୍ଥଳେ ସ୍ୱତନ୍ତ୍ର ବାରିକେଡ଼ିଂ ବ୍ୟବସ୍ଥା, ସେବାୟତ, ନିଯୋଗ ଏବଂ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କୁ ଦାୟିତ୍ୱ ବାବଦରେ ସଚେତନତା ସୃଷ୍ଟି କରିବା ନେଇ ଆଲୋଚନା ହୋଇଥିଲା ।

# ଆବୁଧାବି ଓଡ଼ିଆ ସମାଜ ପକ୍ଷରୁ ଉତ୍କର୍ଷ ଉତ୍ସବ ପାଳନ




ଆବୁଧାବି : ଓଡିଆ ସମାଜ ଆବୁଧାବି (ଓସା) ପକ୍ଷରୁ ନିକଟରେ ଉତ୍କଳ ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଥିବା ଜଣାଯାଇଛି । ଉତ୍କର୍ଷ-୨୦୨୬ ଶୀର୍ଷକ ଏହି ବାର୍ଷିକ ସାଂସ୍କୃତିକ ମହୋତ୍ସବ ଆରବ ସାଗର କୂଳରେ ଅବସ୍ଥିତ ଆବୁଧାବିର ସୁନ୍ଦର, ସୁରମ୍ୟ ଓ ସୁସଜ୍ଜିତ "ପିକ୍ସୋଲ୍" ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା । ବହୁ ପ୍ରତୀକ୍ଷିତ ଏହି ମହାସମାରୋହକୁ କେନ୍ଦ୍ର କରି ଉଭୟ ଆୟୋଜକ ଓ ଆଗନ୍ତୁକଙ୍କ ମଧରେ ପ୍ରବଳ ଆନନ୍ଦ, ଅପୂର୍ବ ଉତ୍ସାହ, ଅଦମ୍ୟ ଉଲ୍ଲାସ ଓ ଅଫୁରନ୍ତ ଉଦ୍ଦୀପନା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଥିଲା । ଏହି ଉପଲକ୍ଷେ ଉତ୍ସବ ସ୍ଥଳକୁ ଅନୁପମ ଢଙ୍ଗରେ ସଜାଯାଇ ଏକ କ୍ଷୁଦ୍ର ଓଡ଼ିଶାର ସ୍ୱରୂପ ପ୍ରଦାନ କରାଯାଇଥିଲା । ସଂଯୁକ୍ତ ଆରବ ଏମିରେଟ୍ସର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ପାଂଚଶହରୁ ଅଧିକ ଓସାର ସଦସ୍ୟ, ପରିବାରବର୍ଗ, ପରିଜନ ଓ ଶୁଭେଚ୍ଛୁମାନେ ଆସି ପ୍ରବାସୀ ଓଡ଼ିଆଙ୍କର ଏହି ସାଂସ୍କୃତିକ ମହାକୁମ୍ଭ ମେଳାରେ ସାମିଲ ହୋଇଥିବା ଦେଖାଯାଇଥିଲା । ଓଡିଆ ସମାଜ ଆବୁଧାବିର ଅଧକ୍ଷ ସୌଗତ ନାୟକଙ୍କ ପୌରହିତ୍ୟ ରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ୟୁ.ଏ.ଇ ରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଡ଼ଃ ଦୀପକ ମିତଲ ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଶା ବିଧାନସଭାର ସଦସ୍ୟା ସୋଫିଆ ଫିର୍ଦୌସ ତଥା ଏଲ.ଆଇ.ସି ଇଂଟରନ୍ୟାସନାଲର ମଧ ପ୍ରାଚ୍ୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ସଭାକାର୍ଯ୍ୟ ଶୁଭାରମ୍ଭ ହୋଇଥିଲା । ସମାବେଶକୁ ସମ୍ବୋଧନ କରି ଡ଼ଃ ମିତଲ ବିଦେଶ ମାଟିରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ଜୀବନ୍ତ ରଖିବା ପାଇଁ ଓଡିଆ ସମାଜର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଶ୍ରୀମତୀ ଫିର୍ଦୌସ ତାଙ୍କର ଭାଷଣରେ ଉତ୍କଳ ଦିବସର ଐତିହ୍ୟ ଏବଂ ଓଡ଼ିଶାର ଗୌରବମୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ଶ୍ରୀ ପଟ୍ଟନାୟକ ତାଙ୍କର ବକ୍ତବ୍ୟରେ ଓଡିଆ ସମାଜର ଏହି ଭବ୍ୟ ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ । ଆଗାମୀ ଦିନରେ ଏହି ଧରଣର ଅନେକ ଉଚ୍ଚ ମାନର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ପ୍ରଦାୟ ବନ୍ଧୁ ମିଳନ ଓସା ପକ୍ଷରୁ ଆୟୋଜନ କରାଯିବ ବୋଲି ଅଧକ୍ଷ ସୌଗତ ନାୟକ ଘୋଷଣା କରିଥିଲେ ।

# ରାଜ୍ୟରେ ସାର ସଙ୍କଟ ନାହିଁ: ମନ୍ତ୍ରୀ



ଭୁବନେଶ୍ୱର : ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଶୁକ୍ରବାର ଏକ ବଡ଼ ସୂଚନା ଦେଇଛନ୍ତି । ରାଜ୍ୟରେ ଖୁବ ଶୀଘ୍ର ସାର ଉତ୍ପାଦନ ସ୍ୱାଭାବିକ ହେବା ନେଇ ମନ୍ତ୍ରୀ ଗଣମାଧମକୁ କହିଛନ୍ତି । କଂଚାମାଲ ଯୋଗାଣ ଅଭାବରୁ ଇଫ୍‌କୋରେ ସାର ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । ଅଧିକ ଦିନ ଏଭଳି ଅବସ୍ଥା ରହିଲେ ସରକାର ବିକଳ୍ପ ବ୍ୟବସ୍ଥା କରିବେ । ଏପରିକି ଅଧିକାରୀମାନଙ୍କ ସହ ଆଲୋଚନା କରି ନିଷ୍ପତି ନିଆଯିବ । ଅନ୍ୟପକ୍ଷେ ରାଜ୍ୟରେ ଆବଶ୍ୟକୀୟ ପରିମାଣରେ ସାର ମହଜୁଦ ରହିଛି । କିଛି ସମସ୍ୟା ନାହିଁ । ମାର୍କଫେଡ଼େରେ ୬୬ ହଜାର ୯୧୮ ମେଟ୍ରିକ ଟନ୍ ସାର ମହଜୁଦ ରହିଥିବା ମନ୍ତ୍ରୀ କହିଛନ୍ତି ।

# ଦଶମ ଶ୍ରେଣୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର : ବାଲିପାଟଣା ଶ୍ରୀ ବୁଦ୍ଧନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବ୍ଲକ ସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ପର୍ବରେ ୮ ଜଣ ଏ୧ ଗ୍ରେଡ



ରଖି ପାସ୍ କରିଥିବା ଛାତ୍ରଛାତ୍ରୀ ଓ ୫୪ ଜଣ ଏ୨ ଗ୍ରେଡରେ ପାସ୍ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନେ ଏହି ବାଲିପାଟଣା ବ୍ଲକ ପାଇଁ ଗର୍ବ ଓ ଗୌରବ ବୋଲି କହିଛନ୍ତି । ମନ୍ତ୍ରୀ କହିଛନ୍ତି ଆଜି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ପଛରେ ସେମାନଙ୍କର ପିତାମାତା ଏବଂ ଶିକ୍ଷକଙ୍କ ଅବଦାନ ଖୁବ୍ ରହିଛି । ପିତାମାତାମାନେ ସେମାନଙ୍କ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବେଳେ ଶିକ୍ଷକମାନେ ଧୈର୍ଯ୍ୟ ଏବଂ ପ୍ରତିବଦ୍ଧତା ସହିତ ମାର୍ଗଦର୍ଶନ କରାଇ ଥିବାରୁ ଏହି ସଫଳତା ଛାତ୍ରଛାତ୍ରୀଙ୍କୁ ମିଳିଛି । ଆଜିର ଏହି ସମ୍ବର୍ଦ୍ଧନା ପର୍ବରେ ସେମାନଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇ, ଏ ଦାୟୀତ୍ୱକୁ ଆଗକୁ ଏମିତି ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି ମନ୍ତ୍ରୀ ।

# ବେଙ୍ଗାଲୁରୁ ଆଗରେ ୨୫୬ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ହାଇଦ୍ରାବାଦ

ହାଇଦ୍ରାବାଦ: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୭ତମ ମୁକାବିଲାରେ



ସନରାଇଜର୍ସ ହାଇଦ୍ରାବାଦକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଭେଟିଛି । ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶୁକ୍ରବାର ଦିନ ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲା । ପେଟ କମିନ୍ସଙ୍କ ନେତୃତ୍ୱରେ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୫୫ ରନ୍ ସଂଗ୍ରହ କରିଛି । ଏହି ମ୍ୟାଚ୍ ଜିତିବା ପାଇଁ ବେଙ୍ଗାଲୁରୁକୁ ୨୫୬ ରନ୍‌ର ଲକ୍ଷ୍ୟ ମିଳିଛି । ଘରୋଇ ଦଳ ସଫଳ ରଣନୀତି କରି ରନ୍ ସ୍କୋରକୁ ଏକ ଦୃଢ଼ ସ୍ଥିତିରେ ପହଂଚାଇଥିଲେ । ଦଳର ସମସ୍ତ ବ୍ୟାଟର ଏକ ଲୟରେ ଖେଳିଥିଲେ । ସମସ୍ତ ବ୍ୟାଟର ନିଜର ଉତମ ପ୍ରଦର୍ଶନ ଦେବାକୁ ଉଦ୍ୟମ କରିଥିଲେ । ପ୍ରାରମ୍ଭିକ ବ୍ୟାଟିଂ ଠାରୁ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ରନ୍‌ର ଗତି ଏକ ଲକ୍ଷ୍ୟ ନେଇ ଆଗକୁ ବଢିଥିଲା । ହାଇଦ୍ରାବାଦର ବ୍ୟାଟିଂ ଆରମ୍ଭ କରିଥିଲେ ଅଭିଷେକ ଶର୍ମା ଏବଂ ଟ୍ରାଭିସ ହେଡ୍ । ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୪୫ ରନ୍‌ର ଭାଗିଦାରୀ କରିପାରିଥିଲେ । ଏଥିରୁ ଟ୍ରାଭିସ ହେଡ୍ ବ୍ୟକ୍ତିଗତ ଭାବେ ୨୬ ରନ୍ ଯୋଗଦାନ ଦେଇଥିଲେ । ସେ ୧୬ଟି ବଲ୍ ସାମ୍ନା କରିଥିଲେ ଏବଂ ୫ଟି ଚୌକା ମାରିଥିଲେ । ବେଙ୍ଗାଲୁରୁର ଦ୍ୱିତୀୟ ଶିକାର ହୋଇଥିଲେ ଅଭିଷେକ ଶର୍ମା, ଯିଏକି ୫୬ ରନ୍ ସଂଗ୍ରହ କରିଥିଲେ । ସେ ୨୨ଟି ବଲ୍ ଖେଳି ୪ଟି ଚୌକା ଏବଂ ୫ଟି ଛକା ମାରିଥିଲେ । ଏହା ପୂର୍ବରୁ ସେ ହେନରି କ୍ଲାସେଁଙ୍କ ସହିତ ୪୭ ରନ୍‌ର ଭାଗିଦାରୀ କରିଥିଲେ । ତେବେ ହାଇଦ୍ରାବାଦର ଖେଳାଳି କ୍ଲାସେଁ ଏବଂ ଇଶାନ କିଶନ ତୃତୀୟ ୱିକେଟ ପାଇଁ ଶତକୀୟ ଭାଗିଦାରୀ କରିଥିଲେ । ଉଭୟ ଖେଳାଳି ନିଜ ଦଳ ପାଇଁ ୧୧୩ ରନ୍ ଯୋଡ଼ିଥିଲେ ।

# ୧୮ ବର୍ଷରୁ କମ ଏସିଆ କପ୍ ହକି ଜାତୀୟ ଦଳରେ ସୁଯୋଗ ପାଇଲେ ଓଡ଼ିଶାର ଅରମାନ

ଭୁବନେଶ୍ୱର: ଜାପାନର କାକାମିଘାରାରେ ଖେଳାଯିବାକୁ ଥିବା ୧୮ ବର୍ଷରୁ କମ ଏସିଆ କପ ହକି ପାଇଁ ଭାରତୀୟ ଦଳର ଘୋଷଣା କରାଯାଇଛି । ୧୮ଜଣିଆ ଭାରତୀୟ ଦଳରେ ଓଡିଶାର ଉଦୀୟମାନ ଡିଫେଣ୍ଡର ଅରମାନ ସୋରେଙ୍ଗଙ୍କୁ ସୁଯୋଗ ମିଳିଛି । ସାଇ ଭୋପାଳରେ କୋଚ ସର୍ଦ୍ଦାର ସିଂଙ୍କ ଅଧକ୍ଷତାରେ ଦଳ



ଚୟନ କରାଯାଇଥିଲା । କେତନ କୁଶୱାହ ଦଳର ନେତୃତ୍ୱ ନେବେ । ପୁଲ ଏରେ ଭାରତ ସ୍ଥାନ ପାଇଛି । ଭାରତ ମେ ୨୯ରେ କାଜକସ୍ତାନ ବିପକ୍ଷରେ ତାର ଅଭିଯାନ ଆରମ୍ଭ କରିବ । ଏହା ପରେ ଜାପାନ(ମେ ୩୧), ଦକ୍ଷିଣ କୋରିଆ(ଜୁନ ୧) ଓ ଚାଇନିଜ ତାଇପେକୁ ୩ ତାରିଖରେ ଭେଟିବ । ଉଭୟ ପୁରୁଷ ଏବଂ ମହିଳା ମୁକାବିଲା ମେ ୨୯ରୁ ଜୁନ ୬ ପର୍ଯ୍ୟନ୍ତ ଚାଲିବ । ଭାରତୀୟ ଦଳ: ସାୱନ କୁମାର, ଆୟୁଷ ରଜକ, ଅଂଶ ବାହୁତ୍ରା, ଅରମାନ ସୋରେଙ୍ଗ, ଆଶୀଷ ଟାନି ପୁତ୍ରି, ଅର୍ଶଦୀପ ସିଂ, ଅଭି ମାନିକପୁରୀ, ରୋମିତ ପାଲ, ରାହୁଲ ଯାଦବ, ପ୍ରେମଚାନ୍ଦ ସୋୟ, ଭରିନ୍ଦର ସିଂ, କରନ ଗୌତମ, ସିଦ୍ଧାର୍ଥ ବେନ, କେତନ କୁଶୱା, ଆକାଶଦୀପ, ଗୀଜ ଖାଁ, ଶାହାରୁଖ ଅଲୀ ଓ ପ୍ରହ୍ଲାଦ ରାଜଭର ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**